## ନାବାଳିକା ଅପହରଣକାରୀ ଗିରଫ

ସୋର, ୨।୪(ସମିସ): ସୋର ପୌରପାଳିକା ଅନ୍ତର୍ଗତ କମାଣପୁର ନିକଟରୁ ଜଣେ ନାବାଳିକାକୁ ଅପହରଣ କରିନେଇଥିବା ଅଭିଯୋଗରେ ସୋର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାସୁଦେବପୁର ଥାନା ବଛଦା ଅଞ୍ଚଳର ଜଣେ ନାବାଳିକା ତାଙ୍କ ମାମୁଁଘର କମାଣପୁରରେ ରହୁଥିଲେ । ଗତ ୬ ତାରିଖରେ ପଦୁଆଁ ମୋହନପୁର ଗ୍ରାମର ଦୀନବନ୍ଧୁ ଖିଲାର (୨୩) ଉକ୍ତ ନାବାଳିକା ଜଣଙ୍କୁ ଅପହରଣ କରିନେଇଥିଲେ । ଏ ବାବଦରେ ନାବାଳିକାଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଗତକାଲି ବିଳମ୍ବିତ ରାତିରେ ଦୀନବନ୍ଧୁକୁ ସୋର ପୁଲିସ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରିଥିଲେ । ଆଜି ଅପରାହ୍ନରେ ଦୀନବନ୍ଧୁର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

## ଅବକାରୀ ଚଢ଼ଉ, ଦୁଇ ଗିରଫ

ସୋର, ୨।୪(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଶିରାପୁର ଗ୍ରାମରେ ଚଢ଼ାଉ କରି ଶତ୍ରୁଘ୍ନ ଜେନା ନିକଟରୁ ୪୨ ଲିଟର ଦେଶୀମଦ ଏବଂ ନୂଆହାଟ ଗ୍ରାମର ହରେନ୍ଦ୍ର ନାୟକ ନିକଟରୁ ୩୫ ଲିଟର ଦେଶିମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ । ସନ୍ଧ୍ୟାରେ ସୋର ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଲ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ ।

## ଘୋଷଣା ହୋଇନି ବିଜେପିର ବସ୍ତା ଆସନ

ବସ୍ତା ବ୍ଲକ, ୨।୪ (ସମିସ): ସଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ସମସ୍ତ ରାଜନୈତିକ ଦଳ ମଧ୍ୟରେ ଉଷ୍ମତା ବଢ଼ି ଚାଲିଛି । ବିଧାନସଭା ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ବିଜେଡି ଘୋଷଣା କରିଛି । ବସ୍ତା ଆସନରେ ବିଜେଡିରୁ ସୁବାସିନି ଜେନାଙ୍କୁ ଦଳ ପ୍ରାର୍ଥୀ କରିଛି । ମଙ୍ଗଳବାର ବିଜେପି ବିଧାନସଭା ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏହି ତାଲିକାରେ ଜିଲ୍ଲାର ବସ୍ତା, ନୀଳଗିରି ଓ ଭୋଗରାଇ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ଦେଖିବାକୁ ମିଳିଛି । ପ୍ରାର୍ଥି ପାଇଁ ଆଶାୟୀଙ୍କ ଜୋରଦାର କସରତ ଚାଲି ଥିବା ବେଳେ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଏହି ଭଳି ପରିସ୍ଥିତିରେ ଓଡ଼ିଶା ର ୩୭ ନମ୍ବର ବିଧାନସଭା ଆସନ ବସ୍ତାରେ ୨୦୧୯ ର ନିର୍ବାଚନ ସ୍ଥିତି ଦେଖିବାକୁ ଗଲେ ବିଜେଡିରୁ ନିତ୍ୟାନନ୍ଦ ସାହୁ, କଂଗ୍ରେସରୁ ବିଜନ ନାୟକ ଓ ବିଜେପିରୁ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ । ବସ୍ତାରେ ଏଥର ବିଜେପି ଯୁବ ଓ ନିର୍ବବାଦୀୟ ଚେହେରାକୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି ।

## ଗୋକୁଳ ଚନ୍ଦ୍ର ଜୀଉଙ୍କ ବାର୍ଷିକ ଉତ୍ସବ

ଭୋଗରାଇ, ୨।୪(ସମିସ): ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ଦେଉଳା ଗ୍ରାମରେ ଗୋକୁଳ ଚନ୍ଦ୍ର ଜୀଉଙ୍କ ୨୫ ତମ ବାର୍ଷିକ ଉତ୍ସବର ଶୁଭାରମ୍ଭ ହୋଇଛି । ମଙ୍ଗଳବାର ପ୍ରତ୍ୟୁଷରେ ଦେଉଳା ହାଟ ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପୋଖରୀରୁ ପାଣି କଳସ ନେଇ ଶତାଧିକ ମହିଳା ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରାରେ ଯାଇ ଯଜ୍ଞ ବେଦୀରେ କଳସ ସ୍ଥାପନ କରିଥିଲେ । ତାପରେ ଠାକୁରଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବା ପରେ ବିଷ୍ଣୁ ଯଜ୍ଞ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ବୁଧବାର ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଗୁରୁବାର ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ମହୋତ୍ସବ ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ଏହି ଯଜ୍ଞ କାର୍ଯ୍ୟକ୍ରମରେ ମହିଳା ସଦସ୍ୟା ମାନେ ନିଆରା ଢଙ୍ଗରେ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଆନ୍ତି । ବାସନ୍ତୀ ଦାଶ ଗୋସ୍ୱାମୀ, ଅନୀତା ଦାଶ ଗୋସ୍ୱାମୀ, ସୁଭଦ୍ରା ପାତ୍ର, ମାଳତୀ ଜେନା, ସୁଭଦ୍ରା ସାହୁ, ମଧୁମିତା ଦାଶ ଗୋସ୍ୱାମୀ, କୃଷ୍ଣା ଦାଶ ଗୋସ୍ୱାମୀ, କଲ୍ୟାଣୀ ଦାଶ ଗୋସ୍ୱାମୀ, ଜ୍ୟୋସ୍ନା ଦାଶ ଗୋସ୍ୱାମୀ, ସପ୍ନା ଦାଶ ଗୋସ୍ୱାମୀ, ଗୀତାଞ୍ଜଳି ଦାଶ ଗୋସ୍ୱାମୀ, ମଲ୍ଲିନା ଦାଶ ଗୋସ୍ୱାମୀ, ବାସନ୍ତୀ ଦାସ ଗୋସ୍ୱାମୀ, ଗୀତା ଦାଶ ଗୋସ୍ୱାମୀ, ରୁକିରାଣୀ ଦାଶ ଗୋସ୍ୱାମୀ, ଆଦ୍ୟାଶା ଦାଶ ଗୋସ୍ୱାମୀ, ଅନନ୍ୟା ଦାଶ ଗୋସ୍ୱାମୀ, ମଦାରସାହି ସରପଞ୍ଚ ମମତା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଚନ୍ଦନେଶ୍ୱର ପୀଠରେ ଉଠାଦୋକାନୀ ଉଚ୍ଛେଦ

ଚନ୍ଦନେଶ୍ୱର, ୨।୪ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ସ୍ଥିତ ପୂର୍ବଭାରତର ପ୍ରସିଦ୍ଧ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଚଡକ ମେଳା ଉପଲକ୍ଷେ ଆଜି ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ଏହି ମେଳାରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ସମାଗମ ହୋଇଥାଏ । ଏଥିପାଇଁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ, ବଜାର ସମେତ ଶୈବପୀଠରଚତୁଃ ପାଶ୍ର୍?ରେ ଥିବା ଉଠାଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି । ଏଥିପାଇଁ ପୂର୍ବରୁ ପ୍ରଶାସନ ତରଫରୁ ସେମାନଙ୍କୁ ନୋଟିସ ଓ ଡାକବାଜୀ ଦ୍ୱାରା ଉଚ୍ଛେଦ କରାଯିବା ପାଇଁ ସୂଚନା ଦିଆଯାଇଥିଲା । ତେଣୁ ସ୍ଥାନୀୟ ତହସିଲଦାର ହିମାଂଶୁ ଶେଖର ଗିରି, ତାଳସାରି ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ତଥା ଚନ୍ଦନେଶ୍ୱର ଫାଣ୍ଡି ଉପସ୍ଥିତିରେ ପୁଲିସ ଫୋର୍ସ ଥାଇ ଦୋକାନଗୁଡିକୁ ସ୍ଥାନାନ୍ତର କରାଯାଇଛି । ଟ୍ରଷ୍ଟ ବୋର୍ଡ ମୌରସି ତପନ କୁମାର ପଣ୍ଡା ଚଳିତବର୍ଷ ଏହି ମେଳାରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଜନସମାଗମ ର ଆଶା କରାଯାଉଛି ବୋଲି ସୂଚନା ଦେଇଛନ୍ତି ।

### କଳାକାଦ-ଗରଡିହୀ-ନରଣପୁର ରାସ୍ତା

# ନିର୍ମାଣର ମାସକରେ ଉଠିଗଲାଣି ପିଚୁ

ନୀଳଗିରି, ୨।୪(ସମିସ):



ନୀଳଗିରି ବ୍ଲକ ଗରଡିହୀ ପଞ୍ଚାୟତରେ ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ ଉଠାଇଛନ୍ତି । ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁଦାନ ପ୍ରାପ୍ତ ଦେୟ ରାଶିରେ କଳାକାଦ ଠାରୁ ନରଣପୁର ମଧ୍ୟରେ ଅସ୍ତରଖି, ଆଁଳାପାଳ ଗ୍ରାମଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନୂତନ କରି ଏକ ମାସ ପୂର୍ବରୁ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଏକ ମାସ ଭିତରେ ପିଚୁ ଉଠି ଯାଇ ଦୁର୍ଘଟଣା ଘଟୁଥିବାର ଦେଖା ଯାଇଛି । ଯଦିଓ କାର୍ଯ୍ୟ ଚାଲୁଥିବା ସମୟରେ ବିଭିନ୍ନ ଦୈନିକ ଖବରକାଗଜରେ ଏ ସମ୍ବନ୍ଧରେ ନିମ୍ନ ମାନର କାର୍ଯ୍ୟକୁ ନେଇ ଖବର ପ୍ରକାଶିତ ହେବା ପରେ ଠିକାଦାର ଇଂ କାର୍ତ୍ତିକ ଚନ୍ଦ୍ର ସାହାଣି ଏବଂ କାର୍ଯ୍ୟରତ ସୁପରଭାଇଜରଙ୍କୁ ନିମ୍ନମାନର କାର୍ଯ୍ୟ ବିଷୟରେ ସ୍ଥାନୀୟ ଗ୍ରାମବାସୀ ଅବଗତ କରାଇଥିଲେ । ମାତ୍ର ତାହାକୁ କର୍ଣ୍ଣପାତ ନକରି କାର୍ଯ୍ୟ କରିଚାଲିଥିଲେ । ରାସ୍ତାର ସବୁ କାମ ଗୁଡିକ ବିଭାଗୀୟ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ଚାଲୁଅଛି ବୋଲି ସଫେଇ ଦେଇଥିଲେ । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଯାନବାହାନ ଯାତାୟତ କରୁଥିବାବେଳେ ଏପରି ବିପଦପୂର୍ଣ୍ଣ ରାସ୍ତାରେ ରାତ୍ର ସମୟରେ ପ୍ରାୟତଃ ଦୁର୍ଘଟଣା ମାନ ଘଟୁଥିବାର ଦେଖାଯାଇଛି । ଏହି ରାସ୍ତା କାର୍ଯ୍ୟର ମରାମତି କେବେ କରାଯିବ ତାହା ଦେଖିବାକୁ ବାକି ରହିଥିବାର ଚର୍ଚ୍ଚା ଚାଲିଛି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଏପରି ନିମ୍ନ ମାନର କାର୍ଯ୍ୟପାଇଁ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଦୋଷାରୋପ କରିଛନ୍ତି । ତେଣୁ ତୁରନ୍ତ ଏହାର ସମାଧାନ କରା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲା ।ଇବେ ବୋଲି ଦୃଢ ଚେତାବନୀ ଦେଇଛନ୍ତି ।

## ରାମ ନବମୀ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ




ସୋର, ୨।୪(ସମିସ): ସୋର ଶ୍ରୀରାମ ସେନା ପକ୍ଷରୁ ରାମ ନବମୀ ଉତ୍ସବ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଷ୍ଟେସନଛକ ସ୍ଥିତ ରୟାଲ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଶ୍ରୀରାମ ସେନା ସୋର ଶାଖାର ସଭାପତି ବିଷ୍ଣୁ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ । ଆଗାମୀ ରାମନବମୀ ଅବସରରେ ୭ ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ମନୀଷ ଗୁପ୍ତା ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ଉପଦେଷ୍ଟା କାହ୍ନୁଚରଣ ବେହେରା, ପ୍ରହ୍ଲାଦ ସାହୁ, ମୁଖପାତ୍ର ଶୁଶୀଲ ଝୁନଝୁନୱାଲା ଅବସରପ୍ରାପ୍ତ ଅଧକ୍ଷ ଗୋବିନ୍ଦଚନ୍ଦ୍ର ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ବାବଦରେ ଅବଗତ କରାଇଥିଲେ । ଆସନ୍ତା ଏପ୍ରିଲ ସାତ ତାରିଖରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର, ୯ ତାରିଖରେ ସୋର ଗୋଶାଳାରେ ଗୋପୂଜା ଓ ଗୋସେବା କାର୍ଯ୍ୟକ୍ରମ, ୧୦ ତାରିଖରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଓ ଡାକ୍ତରଖାନା ସଫେଇ ୧୩ ତାରିଖରେ ତୁଣ୍ଡପଡ଼ା ଏବଂ ପାଖରଛକ ହନୁମାନ ବିଗ୍ରହ ସମ୍ମୁଖରେ ସାମୁହିକ ହନୁମାନ ଚାଳିଶା ପାଠ, ୧୫ ତାରିଖରେ ମହିଳା ବାଇକ୍ ଶୋଭାଯାତ୍ରା, ୧୬ ତାରିଖରେ ପୁରୁଷ ବାଇକ୍ ଶୋଭାଯାତ୍ରା ଓ ୧୭ ତାରିଖରେ ସୋର ଗୋପୀନାଥପୁର ଷ୍ଟ୍ରେଚର ପଡ଼ିଆରୁ ରାଇପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏଥିରେ ବହୁ ସଂଖ୍ୟାର ଶ୍ରଦ୍ଧାଳୁ ଏବଂ ସୋରବାସୀ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଶ୍ରୀରାମ ସେନା ପକ୍ଷରୁ ନିବେଦନ କରାଯାଇଛି ।

## ଅନଳିଆ ହୋଲି ଉତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ



ଭୋଗରାଇ, ୨।୪ (ସମିସ) : ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ସନାତନ ହିନ୍ଦୁ ଧର୍ମର ପ୍ରାଣପୁରୁଷ ନଦୀୟା ନନ୍ଦନ ଶ୍ରୀଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁଙ୍କ ଆବିର୍ଭାବ ଦିବସକୁ ଦୋଳଯାତ୍ରା ଉତ୍ସବ ଭାବେ ସମଗ୍ର ଦେଶରେ ପାଳନ କରାଯାଉଥିଲା ବେଳେ ବାଲେଶ୍?ର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମର ହୋଲି ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ୨୪ ବର୍ଷ ହେଲା ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି । ଅନଳିଆ ଶୀତଳା ମାତାଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ଏହି ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ମଙ୍ଗଳବାର ଶୁଭାରମ୍ଭ ହୋଇଛି । ମଙ୍ଗଳବାର ଅପରାହ୍ନରେ ପାରମ୍ପରିକ ବାଦ୍ୟ, ମୃଦଙ୍ଗ, ଶଙ୍ଖ ହୁଳହୁଳି ମଧ୍ୟରେ ୫ ଶହ ମହିଳା ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରାରେ ବାହାରି ଓଡ଼ିଶା କୋଷ୍ଟ କେନାଲର ନସିରାବାଦ ବଟେଶ୍ୱରୀ ଘାଟରୁ ପାଣି ନେଇ ଶୀତଳା ମନ୍ଦିରସ୍ଥିତ ଦୋଳ ମଣ୍ଡପରେ ପହଞ୍ଚିଥିଲା । ପରେ ୨୪ ପ୍ରହର ନାମ ଯଜ୍ଞ ଶୁଭାରମ୍ଭ ହୋଇଥିଲା ବେଳେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ ଏବଂ ବାହାନଗା ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଛି । ଯୁବକ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ଗ୍ରାମବାସୀ ଜଳେନ୍ଦ୍ର ବେହେରା, ଧର୍ମପଦ ମଣ୍ଡଳ, ବିଜୟ ଦାନୀ, ସଞ୍ଜୟ ଗିରି, ଧନଞ୍ଜୟ ଗିରି, ନଳିନୀ ବେହେରା, ଜନ୍ମେଜୟ ବେହେରା, ରବୀନ୍ଦ୍ର ବେହେରା, ସୁରେଶ ବେହେରା, ସୁଧାଂଶୁ ଶେଖର ଜେନା, ଧ୍ରୁବଚରଣ ଗିରି, କାଳିଚରଣ ପାଳ ପ୍ରମୁଖ ପରିଚାଳନା କରିଥିଲେ ।

## ଚନ୍ଦନେଶ୍ୱର ଚଡ଼କ ମେଳାର ୧୧ ଅର୍ଘ୍ୟ



ଚନ୍ଦନେଶ୍ୱର, ୨।୪ (ସମିସ): ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ଜିଉଙ୍କ ପ୍ରସିଦ୍ଧ ଚଡ଼କ ମେଳାର ଆଜି ୧୧ ଅର୍ଘ୍ୟ । ଚୈତ୍ର ମାସର ୨୦ଦିନ ଏପ୍ରିଲ ମାସର ୨ ତାରିଖ ମଙ୍ଗଳବାର ୧୧ ଅର୍ଘ୍ୟ । କୌଳିକ ପ୍ରଥା ଓ ପରମ୍ପରା ଅନୁଯାୟୀ ଚନ୍ଦନେଶ୍ୱର ଜିଉଙ୍କର ଚଡକ ମେଳା ପାଇଁ ନୀଳ ପୋଖରୀରୁ ଚନ୍ଦନେଶ୍ୱରଙ୍କର ଘଟ ଉତ୍ତୋଳନ ହୋଇଥିଲା । ପରେ ଭକ୍ତମାନେ ପୋଡ଼ା ବାଉଁଶ ଧରି ସମସ୍ତ ସେବାୟତ ମାନଙ୍କ ଘରକୁ ପାରମ୍ପରିକ ବାଦ୍ୟର ତାଳେତଳେ ଯାଇ ଚଡକ ମେଳାପାଇଁ ନିମନ୍ତ୍ରଣ ଜଣାଇଥିଲେ । ପରେ ପାଟ ଭକ୍ତ ହରିଶଚନ୍ଦ୍ର ସାହୁଙ୍କ ଘରକୁ ଯାଇ ନିମନ୍ତ୍ରଣ ଜଣାଇଥିଲେ । ପରେ ଚନ୍ଦନେଶ୍ୱରଙ୍କ ପୀଠରେ ଭକ୍ତମାନେ ଅର୍ଘ୍ୟ ଦାନ କରିଥିଲେ । ଆଜିର ମେଳାରେ ମୌରସି ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା, ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଦେଉଳିଆ ଭକ୍ତ ହେମନ୍ତ ରାଉଳ, ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳିକାଙ୍କୁ ଅସଦାଚରଣ ଘଟଣା, ଅଭିଯୁକ୍ତ କନିଷ୍ଠଯନ୍ତ୍ରୀ କୋର୍ଟଚାଲାଣ

ଚୌକି, ୨।୪( ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଟୁକୁରି ହାଜିରା ପଞ୍ଚାୟତର ଜନୈକା ନାବାଳିକା ଛାତ୍ରୀଙ୍କୁ କନିଷ୍ଠ ଯନ୍ତ୍ରୀ ଅସଦାଚରଣ କରିବା ଘଟଣା ଭିନ୍ନ ମୋଡ଼ ନେଇଛି । ନାବାଳିକାଙ୍କ ମାଆଙ୍କ ଅଭିଯୋଗ ମୂଳେ ପୁଲିସ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ସୁବଳ ମଲ୍ଲିକ ନାମରେ ଆଜି ଭୋଗରାଇ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ନାବାଳିକା ଛାତ୍ରୀ ଜଣକ ଗତ ସମବାର ସକାଳେ ପଡ଼ୋଶୀଙ୍କ ଘରକୁ ଫୁଲ ତୋଳିବା ପାଇଁ ଯାଇଥିଲା ବେଳେ ସେଠାରେ ପୂର୍ବରୁ ଥିବା ଯନ୍ତ୍ରୀ ସୁବଳ ତାଙ୍କୁ ଅସଦାଚରଣ କରିଥିଲେ । ଏ ନେଇ ନାବାଳିକାଙ୍କ ମାଆ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ପଦ୍ମଲୋଚନଙ୍କୁ ଟିକଟ, ଆରମ୍ଭରୁ ବିଦ୍ରୋହର ସ୍ୱର

ଖଇରା, ୨।୪ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ୨୦୧୯ ରେ ବିଜେପି ପ୍ରାର୍ଥୀଥିବା ପଦ୍ମଲୋଚନ ପଣ୍ଡାଙ୍କୁ ପୁଣିଥରେ ଦଳ ସୁଯୋଗ ଦେଇଛି । ଏହି ଘୋଷଣା ପରେ ଦଳଭିତରେ ମିଶ୍ରିତ ସ୍ୱର ଶୁଣିବାକୁ ମିଳିଛି । କିଛି ପଞ୍ଚାୟତ ସ୍ତରୀୟ ନେତା ଖୁସି ମନାଇଥିବା ବେଳେ ଅନ୍ୟ କିଛି ଲୋକପ୍ରତିନିଧି ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅନ୍ୟତମ ଆଶାୟୀ ରାଜେଶ କୁମାର ମୁହାକୁଡ ଓ ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ପଦ୍ମଲୋଚନଙ୍କୁ କୃତଜ୍ଞତା ଜଣାଇବା ସହ ଦଳିୟ ନିଷ୍ପତିକୁ ସମ୍ମାନର ସହ ଗ୍ରହଣ କରିଛନ୍ତି । ପଦ୍ମଲୋଚନଙ୍କ ଦୁଇ ପୁଅ ନୀଳମାଧବ ପଣ୍ଡା ଓ ଡା. ଅଣୁମାଧବ ପଣ୍ଡା ବାପାଙ୍କର ଦୁଇ ହାତ ହୋଇ ବାପାଙ୍କୁ ଜିତାଇବାକୁ ସମସ୍ତପ୍ରକାର ଉଦ୍ୟମ କରିବେ ବୋଲି କହିଛନ୍ତି । ସେପଟେ ପଦ୍ମଲେରାଚନଙ୍କ ପ୍ରାର୍ଥିତ୍ୱକୁ ନେଇ ୩ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ତୀବ୍ର ବିରୋଧ କରିଛନ୍ତି । ସଭାପତିଙ୍କ ଏଭଳି ଭୁଲ ନିଷ୍ପତ୍ତି ଯୋଗୁଁ ସିମୁଳିଆରେ ବିଜେଡିକୁ ଏକତରଫା ଭାବେ ଜିତାଇବାକୁ ସାହାଯ୍ୟ କରିବ । ଦଳୀୟ କର୍ମୀ ଜଣେ ଯୁବ ଚେହେରାକୁ ପ୍ରାର୍ଥୀ କରିବେ ବୋଲି ଆଶା ବାନ୍ଧିଥିଲେ । ହେଲେ ଦଳର ଏଭଳି ଭୁଲ ନିଷ୍ପତ୍ତି ପାଇଁ ବିଜେପି ସିମୁଳିଆ ଆସନ ହାତଛଡା କରିବ ବୋଲି କହିଛନ୍ତି । ୪୦ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ରମେଶ କୁମାର ସାହୁ ମଧ ପ୍ରତିକ୍ରିୟାରେ ଏଭଳି ନିଷ୍ପତିକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଶାନ୍ତିଲତା ମହାପାତ୍ର
ଆର୍ବିଭାବ : ୨୦/୦୧/୧୯୪୦
ତିରୋଧାନ : ୧୫/୦୩/୨୦୨୩
ସିମୋର, ବେଗୁନିଆ, ଖୋର୍ଦ୍ଧା
ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ । ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।
ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ ବଲ୍ଲଭ, ସୁଲଭ, ଅକ୍ଷୟ, ଅଜୟ, ସନ୍ତୋଷ, ବାବୁଲି, ସଞ୍ଜୁ, ସୁଚି,ଚିନୁ,ଡଲି, ଲକି, ଜିନା, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଭୋଗରାଇ, ୨।୪ (ସମିସ) : ଭୋଗରାଇ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ)ର ଏକ ୭ ଦିନିଆ ସ୍ୱତନ୍ତ୍ର ସେବା ଶିବିର ଉଦଯାପିତ ହୋଇଯାଇଛି । ୫୦ ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲା ବେଳେ ଭୋଗରାଇ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ବ୍ୟାପକ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରାଜେନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଦିବସରେ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଝୋଟି, ମୁରୁଜ, କୁଇଜ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଅବିନାଶ ସାହୁ ଏହି ଶିବିରକୁ ଉଦଘାଟନ କରିଥିଲା ବେଳେ ଉଦଯାପନୀ ସଭାରେ ଅଧକ୍ଷତା କରି ଜାତୀୟ ସେବା ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ସରୋଜ ପଣ୍ଡା, ଗୌରାଙ୍ଗ ଚରଣ ପିଲା, ବସନ୍ତ ନାୟକ ଓ ବିମଳ ଚନ୍ଦ୍ର ନନ୍ଦୀ, ଅଧ୍ୟାପିକା ମୁନମୁନ ଦାସ, ଦୀପିକା ମହାନ୍ତି, ଯସ୍ମିତା ସାମଲ, ସୋନାଲିକା ମହାନ୍ତି, ଦୀପ୍ତି ଦାସ, ସୁନନ୍ଦିତା ବଣିଆ ଓ ଅନିମା ଦତ୍ତ, ଅଣଶିକ୍ଷକ କର୍ମଚାରୀ ସପନ ପାତ୍ର, ରାକ୍ଷୀ ପୂର୍ଣ୍ଣିମା ବେହେରା, ସୁଶୀଲ ଦାସ, ବିଦେଶ ସାମଲ, ମମତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।






## ସାଧାରଣ ନିର୍ବାଚନ
# ଏଥର ଜିଲ୍ଲାରେ ୭୧, ୭୬୫ ନୂତନ ମତଦାତା

**ମହିଳା ଭୋଟରଙ୍କ ସଂଖ୍ୟା ଅଧିକ**

ବାଲେଶ୍ୱର, ୨।୪(ସମିସ):

ଚଳିତ ନିର୍ବାଚନ ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ଆଚରଣ ବିଧି ଲାଗୁ କରାଗଲା ପରେ ବାଲେଶ୍ୱର ଜିଲ୍ଲା ରାଜନୀତି ମାହୋଲ ସରଗରମ ହେଇ ଉଠିଛି। ପୁରୁଣା ମତଦାତା ମାନଙ୍କ ମଧ୍ୟରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବା ସହିତ ନୂତନ ମତଦାତା ମାନଙ୍କ ମଧ୍ୟରେ ପ୍ରଥମ ଥର ମତଦାନ କରିବାକୁ ନେଇ ଆଗ୍ରହ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ତେବେ ବାଲେଶ୍ୱର ଜିଲ୍ଲାରେ ଗତ ୨୦୧୯ ସାଧାରଣ ନିର୍ବାଚନରେ ୧୭ ଲକ୍ଷ ୯୬ ହଜାର ୩୫୫ ଜଣ ମତଦାତା ଥିଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ଏହି ଜିଲ୍ଲାରେ ମତଦାତା ସଂଖ୍ୟା ୧୮ ଲକ୍ଷ ୬୮ ହଜାର ୧୨୦କୁ ବୃଦ୍ଧି ପାଇଛି। ଏହିଥିରୁ ସ୍ପଷ୍ଟ ହେଉଛି, ଏଥର ନିର୍ବାଚନରେ ଜିଲ୍ଲାର ୭୧ ହଜାର ୭୬୫ ଜଣ ନୂତନ ମତଦାତା ପ୍ରଥମ ଥର ପାଇଁ ମତଦାନ କରିବେ ବୋଲି ଜାଣିବାକୁ ମିଳିଛି।

ବାଲେଶ୍ୱର ଜିଲ୍ଲାର ଆଠଟି ବିଧାନସଭା ନିର୍ବାଚନ କ୍ଷେତ୍ର ମଧ୍ୟରୁ ଜଳେଶ୍ୱର କ୍ଷେତ୍ରରେ ଗତ ୨୦୧୯ ନିର୍ବାଚନରେ ୨ଲକ୍ଷ ୩୬ ହଜାର ୯୩୫ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ସମ୍ପୃକ୍ତ କ୍ଷେତ୍ରରେ ୨ ଲକ୍ଷ ୫୧ ହଜାର ୬୮୬ ଜଣ ମତଦାତା ମତଦାନ କରିବେ। ସେହିଭଳି ଭୋଗରାଇ କ୍ଷେତ୍ରରେ ୨ଲକ୍ଷ ୨୬ ହଜାର ୨୪୬ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ୨ଲକ୍ଷ ୩୧ ହଜାର ୪୦୯ ମତଦାନ କରିବେ।ବସ୍ତା ନିର୍ବାଚନୀ କ୍ଷେତ୍ରରେ ୨, ୨୫, ୯୨୫ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ୨, ୪୨, ୩୨୫ ଜଣ ମତଦାତା ମତଦାନ କରିବେ। ବାଲେଶ୍ୱର ନିର୍ବାଚନୀ କ୍ଷେତ୍ରରେ ୨, ୨୨, ୮୨୯ ଜଣ ମତଦାତା ଥିଲେ। ଏଥର ନିର୍ବାଚନରେ ଏହି ନିର୍ବାଚନ କ୍ଷେତ୍ରର ୨, ୨୫, ୫୨୫ ଜଣ ମତଦାତା ମତଦାନ କରିବେ। ରେମୁଣା ନିର୍ବାଚନ କ୍ଷେତ୍ରରେ ୧, ୨୩, ୫୭୦ଜଣ ମତଦାତା ଥିଲେ। ଏଥର ନିର୍ବାଚନରେ ଏହି ନିର୍ବାଚନ କ୍ଷେତ୍ରରେ ୨, ୨୫, ୭୪୮ ଜଣ ମତଦାତା ମତଦାନ କରିବେ। ନୀଳଗିରି ବିଧାନସଭା କ୍ଷେତ୍ରରେ ୨, ୦୨, ୯୬୪ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ଏହି କ୍ଷେତ୍ରରେ ୨, ୧୩, ୩୬୦ଜଣ ମତଦାତା ମତଦାନ କରିବେ। ସୋର ବିଧାନସଭା କ୍ଷେତ୍ରରେ ୨, ୧୬, ୫୩୭ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ୨, ୨୪, ୪୯୦ ଜଣ ମତଦାତା ଏହି ନିର୍ବାଚନ କ୍ଷେତ୍ରରେ ମତଦାନ କରିବେ। ସେହିଭଳି ସିମୁଳିଆ ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନ ବେଳେ ୨, ୪୧, ୩୪୯ ଜଣ ମତଦାତା ଥିଲେ। ଚଳିତ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ୨, ୫୩, ୫୭୭ ଜଣ ମତଦାତା ମତଦାନ କରିବେ। ବାଲେଶ୍ୱର ଜିଲ୍ଲାର ଆଠଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ଗତ ୨୦୧୯ରେ ମୋଟ ୧୭, ୯୬, ୩୫୫ ଜଣ ମତଦାତା ଥିଲାବେଳେ ଏଥର ନିର୍ବାଚନରେ ମୋଟ ୧୮, ୬୮, ୧୨୦ଜଣ ମତଦାତା ମତଦାନ କରିବେ। ଗତ୨୦୧୯ର ମତଦାତା ସଂଖ୍ୟା ଯାହା ଥିଲା, ସେଥିରେ ୭୧, ୭୬୫ ଜଣ ନୂତନ ମତଦାତା ଯୋଡି ହୋଇଛନ୍ତି। ଏହା ମଧ୍ୟରୁ ନୂତନ ପୁରୁଷ ମତଦାତା ସଂଖ୍ୟା ୨୯, ୬୧୭, ନୂତନ ମହିଳା ମତଦାତା ସଂଖ୍ୟା ୪୨, ୧୧୨ ଏବଂ ତୃତୀୟ ଲିଙ୍ଗି ନୂତନ ମତଦାତା ସଂଖ୍ୟା ୩୬ ଜଣ ଅଛନ୍ତି। ବିଶେଷ କରି ଚଳିତ ନିର୍ବାଚନରେ ନୂତନ ପୁରୁଷ ମତଦାତା ସଂଖ୍ୟାଠାରୁ ମହିଳା ମତଦାତା ସଂଖ୍ୟା ଅଧିକ ଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜାଣିବାକୁ ମିଳିଛି।

## ୬୯ ଲିଟର ମହୁଲି ମଦ ଜବତ, ୩ ଗିରଫ

ନୀଳଗିରି, ୨।୪(ସମିସ): ଆଜି ସକାଳ ସମୟରେ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ନୀଳଗିରି ବ୍ଲକ ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬୯ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯିବା ପରେ ମାମଲା ରୁଜୁ କରି ବେଲ ନାମଂଜୁର ହେବାରୁ ବିଚାର ବିଭାଗୀୟ ହଜାତକୁ ପଠେଇ ଦିଆଯାଇଛି। ନୀଳଗିରି ବ୍ଲକ ବେଗୁନିଆ ଗ୍ରା:ପ ର କଲ୍ୟାଣୀ ଗ୍ରାମର ସୁକୁରା ସିଂ (୪୮)ଙ୍କ ଘରୁ ୩୨ଲିଟର, ମଛୁଆ ଗ୍ରା:ପ କାଳିଆପଦା ଗ୍ରାମର ଚୈତନ୍ୟ ସିଂ (୪୮)ଙ୍କ ଘରୁ ୨୬ଲିଟର, ସଜନାଗଡ଼ ଗ୍ରା:ପ ତେଣ୍ଡା ଗ୍ରାମର ଶ୍ୟାମସୁନ୍ଦର ସିଂ (୪୪)ଙ୍କ ଘରୁ ୧୫ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ଥିବା ବେଳେ ଅବକାରୀ ଅଫିସ ପକ୍ଷରୁ ମାମଲା ରୁଜୁ କରି ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆ ଯାଇଛି। ଉକ୍ତ ଚଢ଼ାଉ ସମୟରେ ଓ ଆଇସି ଜଗନ୍ନାଥ ବେହେରା, ଏଏସଆଇ ଜୟମାଧବ ଦାସପଟ୍ଟନାୟକ, ମହିଳା କନେଷ୍ଟବଳ ନାହାନ୍ ମୁର୍ମୁ, ଦେବାଶିଷ ମଲ୍ଲିକ ସାମିଲ ଥିଲେ।

## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶର ଉଦ୍ୟାପନୀ ଉତ୍ସବ

**ଜଳେଶ୍ୱର ବ୍ଲକ, ୨।୪ (ସମିସ):** ମାନବ ସେବା ହିଁ ମାଧବ ସେବା। ଏହି ପ୍ରେରଣାରେ ଯେ ସଦା ନିଜକୁ ନିୟୋଜିତ କରେ ସେ ସମାଜରେ ଜଣେ ସମାଜ ସେବୀ ଭାବେ ପ୍ରତିଷ୍ଠିତ ହୋଇଥାଏ ଆଉ ସେ ନିଜକୁ ତଥା ଅନ୍ୟକୁ ସମାଜ ସେବା କରିବାରେ ପ୍ରେରଣା ଯୋଗାଇ ଥାଏ। ଏହି ପ୍ରରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଗୋପୀମୋହନପୁର ଗ୍ରାମ ପଞ୍ଚାୟତ ଛମୌଜ ରାଣୀ ପଡ଼ିଆ ଠାରେ ଦୀର୍ଘ ୧୦ ଦିନ ଧରି ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଓ ଭାଗବତ କଥାମୃତ ସହିତ ସାର୍ବଜନୀନ ଛପନ ମାଦଳ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିବା ବେଳେ ତା'ର ଉଦଯାପନୀ ଉତ୍ସବରେ କମିଟି ପକ୍ଷରୁ ବିଜୟ କୁମାର ଜେନା, ରାମେଶ୍ୱର ପଣ୍ଡା, ଅଞ୍ଜନ କୁମାର ପଣ୍ଡା, ଭାଗବତ ଜେନା ଓ ଖଗେନ୍ଦ୍ର ଘଡେଇଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରା ଯାଇଥିଲା।ନୃତ୍ୟରେ ଜୁନିୟର ବିଭାଗରୁ ଭାଗ୍ୟଶ୍ରୀ ପାତ୍ର, ଅମ୍ରିତା ପାତ୍ର ଓ ମାନସୀ ଦେ ଏବଂ ସିନିୟର ବିଭାଗରୁ ଅଦ୍ୟାସା ଦାସ, ଅନିତା ନାୟକ ଓ ଲିସରାଣୀ ଦତ୍ତଙ୍କୁ କୁନି ପ୍ରତିଭା ଅନେ୍ୱଷଣରେ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ସାମ୍ବାଦିକ ମନୋଜ କୁମାର ଭୂୟାଁ ଓ ଗୁରୁ ଗୋବିନ୍ଦ ପ୍ରାମାଣିକ ଏହି ପ୍ରତିଭା ମାନଙ୍କର ଚୟନ କରିଥିଲେ। କମିଟିର ସଭାପତି ୟୁଜିସି କଲେଜର ପ୍ରାକ୍ତନ ଅଧକ୍ଷ କାଳିକିଙ୍କର ମହାନ୍ତି, ସମ୍ପାଦକ ନିର୍ମଳ କୁମାର ଚନ୍ଦ, ବିଜୟ କୁମାର ଯେନା, ବିଭୁରେନ୍ଦ୍ର ଦେ, ନିର୍ମଳ କୁମାର ରାଜ, ଅସିତ କୁମାର ପାତ୍ର, ପାର୍ଥସାରଥୀ ଦାସ, ପ୍ରଦୀପ କୁମାର ପ୍ରଧାନ, ବଂଶୀଧର ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ହୁଇ, କୋଷାଧକ୍ଷ ପ୍ରଶାନ୍ତ କୁମାର ଦାସ, ବ୍ୟତିକେଶ ପ୍ରଧାନ, ପଦ୍ମଲୋଚନ ଦେ, ସୁରେଶ ଯେନା, ଭାଗବତ ଦାସ, ବନବିହାରି ଦାସ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀ, ଲକ୍ଷ୍ମୀ ନାରାୟଣ ଦାସ, କାହ୍ନୁଚରଣ ପ୍ରଧାନ, ଦିଲ୍ଲୀପ ଜେନା, ଜୀବନ କୃଷ୍ଣ ଦେ, ସଞ୍ଜୟ ଜେନା, ଅଜୟ କୁମାର ପ୍ରଧାନ ପ୍ରମୁଖ ସଦସ୍ୟ ମାନେ ପରିଚାଳନା କରିଥିଲେ। ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ସରୋଜ ଦାସ ମହାପାତ୍ର, ନିମାଇଁ ଚରଣ ଦାସ, ଜ୍ୟୋତି ପ୍ରଭା ଜେନା ଓ ଉପସ୍ଥାପକ ବନମାଳୀ ମହାରଣା ତଥା ସମସ୍ତ ସହଯୋଗୀ ଭକ୍ତି ଭାବର ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ହଠାତ ପରଲୋକ ହୋଇ ଥିବାରୁ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା।

## ବୋହୂ ବିରୋଧରେ ଶଶୁରଙ୍କ ଅଭିଯୋଗ

ବାଲେଶ୍ୱର, ୨।୪(ସମିସ): ପାରିବାରିକ କଳହରୁ ବୋହୂ ନାମରେ ଶଶୁର ଟାଉନଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ବାରବାଟୀ ଅଞ୍ଚଳର ଅଶୋକ କୁମାର ରଣା ତାଙ୍କ ସାନ ବୋହୂ ପ୍ରିୟଙ୍କା ରଣାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଯେ, ତାଙ୍କର ସାନ ପୁଅ ମୁକ୍ତି କୁମାର ରଣା ଏବଂ ତାଙ୍କ ପତ୍ନୀ ପ୍ରିୟଙ୍କା ବାରବାଟୀ ମୌଜା ସ୍ଥିତ କାର୍ତିକପଦା ଛକରେ ତାଙ୍କ ପିଲାମାନଙ୍କ ସହ ରହୁନ୍ତି। ଏହାରି ମଧ୍ୟରେ ଉଭୟଙ୍କ ପାରିବାରିକ କଳହ ହେତୁ ପ୍ରିୟଙ୍କା ଟାଉନ ଥାନାରେ ଗତ ମାସ ୨୭ତାରିଖରେ ଅଭିଯୋଗ କରିଥିଲେ। ପରେ ପୁଲିସ ୨୮ ତାରିଖରେ ମୁକ୍ତିକୁ ଗିରଫ କରିଥିଲା। ହେଲେ ଏହାର ସୁଯୋଗ ନେଇ ପ୍ରିୟଙ୍କା ତାଙ୍କ ଘରର ତାଲା ଭାଙ୍ଗି ଜୋର ଜବରଦସ୍ତ ଘରେ ପଶିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ପ୍ରିୟଙ୍କାଙ୍କ ସମେତ ତାଙ୍କ ଭିଣୋଇ, ଭଉଣୀ ଏବଂ ଅନ୍ୟମାନେ ତାଙ୍କ ଘରର ଆସବାବପତ୍ର ସହ ସୁନା, ରୁପା ଅଳଙ୍କାର ତଥା ନଗଦ ୫୭, ୩୮୦ଟଙ୍କା ଚୋରି କରି ନେଇଯାଇଛନ୍ତି। ଏହା ବ୍ୟତିତ ଯେଉଁ ସବୁ ସୁନା ଗହଣା ଚୋରି କରିନେଇଛନ୍ତି ତାହାର ବର୍ତମାନ ମୂଲ୍ୟ ୩ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ପୂର୍ବଶତ୍ରୁତାରୁ ଆକ୍ରମଣ, ଦୁଇ ଆହତ

ବାଲେଶ୍ୱର, ୨।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ବଡନୁଆପୁର ଅଞ୍ଚଳରେ ଆକ୍ରମଣ ହୋଇଛି। ଏଥିରେ ପରିବାରର ଦୁଇ ଜଣ ଆହତ ହୋଇଛନ୍ତି। ଆହତମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସାଧନା ନାୟକ ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଉକ୍ତ ଗ୍ରାମର ସନାତନ ନାୟକ ଏବଂ ତାଙ୍କ ପତ୍ନୀ, ପୁଅ ଏକ ପୂର୍ବଶତ୍ରୁତା ଘଟଣାକୁ କେନ୍ଦ୍ର କରି ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଜୋର ଜବରଦସ୍ତ ତାଙ୍କ ବାଡିକୁ ପସି ସେମାନଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ସେମାନେ ଘରୁ ବାହାରି ଆସିବା ପରେ ଧରିଥିବା ମାରଣାସ୍ତ୍ରରେ ତାଙ୍କ ଶାଶୁ ମାଳତୀ ନାୟକଙ୍କୁ ଆକ୍ରମଣ କରିଥିଲେ। ଏପରିକି ଏହି ଆକ୍ରମଣରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏହାଦେଖି ଗ୍ରାମବାସୀ ଦୌଡି ଆସିବାରୁ ସେମାନେ ପଳାଇଯିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ଆହତଙ୍କୁ ମେଡିକାଲରେ ଚିକିତ୍ସା କରାଯାଉଛି। ଏଣୁ ଏହି ଘଟଣାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ୍ ଆସୋସିଏସନ୍ ବାର୍ଷିକ ଉତ୍ସବ

ବାଲେଶ୍ୱର, ୨।୪(ସମିସ): ଉତ୍କଳ ଦିବସ ଅବସରରେ ଓଡ଼ିଶା ଫାର୍ମାସୀ ଅଫିସରସ୍ ସର୍ଭିସ୍ ଆସୋସିଏସନ୍ ବାଲେଶ୍ୱର ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ସିଡିଏମ୍‌ଓ ଡା. ଦୁଲାଲ ସେନ ଜଗଦେବ, ଡିପିଏଚଓ ଡ଼ା. ମୃତ୍ୟୁଞ୍ଜୟ ମିଶ୍ର ଏବଂ ଡ଼ା. ରଞ୍ଜନ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସଂଘ ସଭାପତି ଚିନ୍ମୟ କୁମାର ସିହ୍ନା ଯୋଗଦେଇ ପ୍ରତ୍ୟକ ସଦସ୍ୟଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ଚଳିତବର୍ଷ ସଂଘର ୬ ଜଣ ଫାର୍ମାସୀ ଅଫିସର ରଘୁନାଥ ନାୟକ, ଧୀରେନ୍ଦ୍ର କୁମାର ବୋଡେ, ମଳୟ ମହାପାତ୍ର, ଶଶୀକାନ୍ତ ଜେନା, ରାଧାକୃଷ୍ଣ ଧଳ ଓ ଚକ୍ରଧର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ମହିମ କୁମାର ପାଲ ଏହି ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଯୋଗେଶ ମହାପାତ୍ରଙ୍କ ସମେତ କୋଷାଧ୍ୟକ୍ଷ ସରୋଜ କୁମାର ଭଞ୍ଜ, ପ୍ରଣବ କୁମାର ପଣ୍ଡା, କୃତିବାସ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

## ମଡର୍ଣ୍ଣ ପବ୍ଲିକ ସ୍କୁଲରେ ମୋଟିଭେସନାଲ୍ କ୍ଲାସ୍

ବାଲେଶ୍ୱର, ୨।୪(ସମିସ): ମଡର୍ଣ୍ଣ ପବ୍ଲିକ ସ୍କୁଲରେ ମୋଡିଭେସନାଲ୍ କ୍ଲାସ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟିଭେଟର୍ ଭାବେ ମ୍ୟାନେଜିଂ ଡାଇରେକ୍ଟର୍ ଅଫ୍ ପବ୍ଲିକ ଲିମିଟେଡ୍ କମ୍ପାନୀ ଏବଂ ଚେୟାରମେନ ଓ ଡାଇରେକ୍ଟର ଅଫ୍‌ରୁ ଏଜୁକେସନ୍ ପ୍ରାଇଭେଟ୍ ଲିମିଟେଡ୍ ରମେଶ ପରତାନି ଯୋଗଦେଇ ମୋଟିଭେସନାଲ୍ କାର୍ଯ୍ୟକ୍ରମକୁ ପରିଚାଳନା କରି ସୁସ୍ଥ ସମାଜ ଗଠନ କରିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ସଫଳତାର କଥା କହିବାକୁ ଯାଇ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ୍ ବହୁତ ଥର ବିଫଳ ହୋଇ ମଧ୍ୟ ଶେଷରେ ସଫଳତା ପାଇଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ମାହେଶ୍ୱରୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ସକାଳୁଆ ସ୍କୁଲ



ବାଲେଶ୍ୱର, ୨।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାଜ୍ୟ ସରକାର ସମସ୍ତ ସ୍କୁଲ ଗୁଡିକୁ ସକାଳୁଆ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଆଜି ଠାରୁ ଜିଲ୍ଲାର ସମସ୍ତ ସ୍କୁଲରେ ଆଜି ଠାରୁ ସକାଳୁଆ ହୋଇଛି। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଅଧିକମାତ୍ରାରେ ବୃଦ୍ଧି ପାଉଛି। ଏଣୁ ପିଲାମାନେ ଆଜି ସକାଳେ ୭ଟାରୁ ବିଦ୍ୟାଳୟକୁ ଆସିଥିବା ବେଳେ ୧୧ଟା ସମୟରେ ସେମାନଙ୍କର ଛୁଟି ହୋଇଥିଲା। ଏପରିକି ଅଙ୍ଗନବାଡି ପିଲାମାନେ ମଧ୍ୟ ସକାଳେ ବିଦ୍ୟାଳୟକୁ ପାଠ ପଢ଼ିଛନ୍ତି।

## କୁଶୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ଦିବସ

କମର୍ଦ୍ଦା, ୨।୪(ସମିସ): ଭୋଗରାଇ ବ୍ଲକ କୁଶୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ସହ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରୀକୁମାର ଦାସ, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ଗିରି, ସିଆରସିସି ଗୋପାଳ ଚନ୍ଦ୍ର ସେଠୀ, ଯୁବଶିକ୍ଷକ ପଞ୍ଚାନନ ଦାସ, ଶିକ୍ଷୟିତ୍ରୀ ଅଞ୍ଜଳୀ ଗିରି ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍କଳ ଦିବସ ସମ୍ବନ୍ଧୀୟ ଉଦ୍‌ବୋଧନ ଦେଇଥିଲେ। ସେହିପରି ଭୋଗରାଇ ମୋ ପରିବାର ଫାଉଣ୍ଡେସନ ପକ୍ଷରୁ ବାହାର୍ଦ୍ଦା ଗାଁରେ ଉତ୍କଳ ଦିବସ ପାଳନ ଉପଲକ୍ଷେ ପ୍ରଥମେ ଅଞ୍ଚଳରେ ଥିବା ୭୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସଭାକୁ ପ୍ରାକ୍ତନ ଅଧ୍ୟାପକ ଶିରୀଶ ଜେନା ଉଦ୍‌ଘାଟନ କରିଥିଲେ। ଯୁବ ଶିକ୍ଷକ ମନୋଜ କୁମାର ଜେନା ସଞ୍ଚାଳନରେ ମୁଖ୍ୟଅତିଥି ଜଗନ୍ନାଥ ଚେତନା ଗବେଷକ ଡ.କୁମାର ଗୋପାଳ, ମୁଖ୍ୟବକ୍ତା ସତ୍ୟସାଇ ସେବା ସଂଗଠନ ସଂଯୋଜକ ରବୀନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ପ୍ରଫୁଲ କୁମାର ଦେ, ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥି ବିବେକ ନାୟକ, ଯୁବ ଶିକ୍ଷକ ଦେବବ୍ରତ ଦେ, ମଳୟ କୁମାର ସୁର, ଡ. ଲଲାଟେନ୍ଦୁ ଦାସ, ଫାଉଣ୍ଡେସନ ପ୍ରତିଷ୍ଠାତା ଉତ୍ତମ କୁମାର ପାତ୍ର ପ୍ରମୁଖ ଉତ୍କଳର ଐତିହ୍ୟ ଓ ବଳିଷ୍ଠ ପରମ୍ପରା ଉପରେ କଥା ରଖିଥିଲେ।

## ବାୟୁସେନା ସଂଗଠନ ତରଫରୁ ଉତ୍କଳ ଦିବସ ସମାରୋହ



ବାଲେଶ୍ୱର, ୨।୪(ସମିସ): ସହରସ୍ଥିତ ରାମେଶ୍ୱରନଗରରେ ବାୟୁସେନା ସଂଗଠନ ତରଫରୁ ଉତ୍କଳ ଦିବସ ସମାରୋହ ପାଳିତ ହୋଇଯାଇଛି। ସଂଗଠନର ମହିଳା ସଦସ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଂଗଠନ ସଭାପତି ଶିବଦାସ କୁଣ୍ଡୁ, ଉପସଭାପତି ଗୋପିନାଥ ଦାସ, ସମ୍ପାଦକ ମହେଶ୍ୱର ବେହେରା, ସାଙ୍ଗଠନିକ ସମ୍ପାଦକ ଅଭୟ କୁମାର ପାଣି ଓ ବିରେନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ବାରିକ, ସୁନନ୍ଦ ପଣ୍ଡା, ରାଜକିଶୋର ଜେନା, ସୂଜୟ ଦାସ, ରମେଶ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳା ସଂଗଠନ ତରଫରୁ ସୁରଭି ପାଣି, କାଦମ୍ବିନୀ ଦାସ, ବବି ପତି, ବନ୍ଦନା ଭୂୟାଁ, ଜୟନ୍ତୀ ନାୟକ, ନମିତା ଜେନା, ପୁଷ୍ପା ମହାନ୍ତି, ଅନୁପମା ଜେନା, ସୁଦୀପ୍ତା ସାହୁ ଓ ଅନୁସୂୟା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ

ବାଲେଶ୍ୱର, ୨।୪(ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପୁଣି ଥରେ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକଟ ଦେଇଛି। ଫଳରେ ଆଶାୟୀ ପ୍ରାର୍ଥୀ ବିଜୟ ସେଠୀଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ତ୍ରାହି ଅଚ୍ୟୁତ ମନ୍ଦିର ପ୍ରାଙ୍ଗଣରେ ବିଜେପି ଅସନ୍ତୁଷ୍ଟ ଗୋଷ୍ଠୀର ଏକ ବୈଠକ ଅନୁଷ୍ଠିତ ହେଇଛି। ଏହି ବୈଠକରେ ବିଜୟ ସେଠୀଙ୍କ ସମର୍ଥକମାନେ ଦଳରୁ ସାମୁହିକ ଭାବେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା ଜାଣିବାକୁ ମିଳିଛି। ଆଜି ସନ୍ଧ୍ୟାରେ ରେମୁଣା ବ୍ଲକର ପୂର୍ବତନ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ ଓ ତାଳପଦା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଉପସ୍ଥିତିରେ ସ୍ଥାନୀୟ ତ୍ରାହି ଅଚ୍ୟୁତ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେଇଥିଲା। ଏଥିରେ ବହୁ ସରପଞ୍ଚ, ସମିତି ସଭ୍ୟ ୱାର୍ଡ ସଭ୍ୟ, ପୂର୍ବତନ ସରପଞ୍ଚ, ପୂର୍ବତନ ସମିତି ସଭ୍ୟ, ପଞ୍ଚାୟତର ଦଳୀୟ ସଭାପତି ମାନେ ଯୋଗ ଦେଇଥିଲେ। ଦଳ ଲଗାତାର ଭାବେ ପରାଜୟ ବରଣ କରୁଥିବା ନେତାଙ୍କ ପରିବର୍ତ୍ତେ ନୂଆ ଚେହେରାଙ୍କୁ ପ୍ରାର୍ଥୀ କରି ନଥିବା ଯୋଗୁ ଆଗାମୀ କାଲି ସହସ୍ରାଧିକ କର୍ମୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାକୁ ବୈଠକରେ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

## ଥାଲାସେମିଆ, ସିକେଲସେଲ୍ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର/ବାଲିଆପାଳ, ୨।୪(ସମିସ): ରକ୍ତହୀନତାଙ୍କ ଉଦ୍ଦେଶ୍ୟରେ ଥାଲାସେମିଆ, ସିକେଲସେଲ ସୋସାଇଟି ଦ୍ୱାରା ବାଲିଆପାଳସ୍ଥିତ ତାହାଳିଆ ହାଇସ୍କୁଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଅମରେନ୍ଦ୍ର ତ୍ରିପାଠୀ ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ବିନୋଦ କୁମାର ଜେନାଙ୍କ ଉପସ୍ଥିତିରେ ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ଜଗଦୀଶ କରଙ୍କ ସହାୟତାରେ ୬୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଓଡ଼ିଶା ଥାଲାସେମିଆ, ସିକେଲସେଲର ବାଲେଶ୍ୱର ପ୍ରଭାରୀ ଉଦୟଭାନୁ ନାୟକ ଓ ତାଙ୍କର ସହଯୋଗୀ ମମତା ଭୁୟାଁ, ଶୁଭଶ୍ରୀ ଭୁୟାଁ, ନିର୍ମଳା ସିଂ ଅଂଶଗ୍ରହଣ କରି ସମସ୍ତ ରକ୍ତଦାତାମାନଙ୍କୁ ଖାଦ୍ୟ, ପାନୀୟର ବ୍ୟବସ୍ଥା କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାରର ଅଫିସର ସତୀଶ ଜେନା, ସନ୍ତୋଷ ଜେନା, ରାଜେଶ ମିଶ୍ର, ଅଜୟ ମହାପାତ୍ର, ମୋନାଲିସା ମହାନ୍ତି, ଜ୍ୟୋସ୍ନା ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

### ସରକାରୀ ମେଡିକାଲ କଲେଜରେ ଦଲାଲଙ୍କ ଉତ୍ପାତ
# ସାହାଯ୍ୟ କରିବା ବାହାନାରେ ଟଙ୍କା ଓ ମୋବାଇଲ ନେଇ ଛୁ'

ବାଲେଶ୍ୱର, ୨।୪(ସମିସ):






ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜରେ ଦଲାଲ ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳରୁ ମେଡ଼ିକାଲ କଲେଜକୁ ଆସୁଥିବା ଗରିବ ନିରୀହ ରୋଗୀ ଓ ରୋଗୀର ଅଭିଭାବକ ମାନଙ୍କୁ ଠକାଇ ଅର୍ଥ ହଡପ କରିବା ସହିତ ରୋଗୀଙ୍କ ଅଭିଭାବକ ମାନଙ୍କୁ ଚକମା ଦେଇ ମୋବାଇଲ ନେଇ ଛୁ କରୁଥିବା ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ ସୋର ଅଞ୍ଚଳର ବାସିନ୍ଦା ପାର୍ବତୀ ସିଂ ଓ ତାଙ୍କ ବଡ ଭାଇ ସୁକୁରା ସିଂ ଉଠାଇଛନ୍ତି। ସୁକୁରା ସିଂକୁ ଅତ୍ୟଧିକ କାଶ ହେଉଥିବା ଯୋଗୁ ଭଉଣୀ ପାର୍ବତୀ ସୋମବାର ଦିନ ତାଙ୍କୁ ସାଥିରେ ଧରି ରେମୁଣାସ୍ଥିତ ବାଲେଶ୍ୱର ମେଡ଼ିକାଲ କଲେଜ ହସ୍ପିଟାଲର ଡାକ୍ତରଙ୍କୁ ଦେଖାଇବା ପାଇଁ ଆଣିଥିଲେ। ମାତ୍ର ମେଡ଼ିକାଲ କଲେଜ ହସ୍ପିଟାଲ ପରିସରରେ ଭାଇ ଭଉଣୀ ଡାକ୍ତରଙ୍କୁ ଦେଖାଇବା ପାଇଁ ଘୁରିବୁଲୁ ଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ ଡାକ୍ତରଙ୍କୁ ଦେଖାଇବା ପାଇଁ ନେଇଯାଇ ଥିଲେ। ଗ୍ରାମାଞ୍ଚଳରୁ ଆସିଥିବା ଏହି ସରଳ ଭାଇ ଭଉଣୀ ଦୁଇ ଜଣ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଲାଲ ବୋଲି ଜାଣିପାରି ନଥିଲେ। ଡାକ୍ତର ସୁକୁରାକୁ କଟକ ବଡ ମେଡିକାଲକୁ ରେଫର କରିଥିଲେ। ହେଲେ ଏବାବଦରେ ପାର୍ବତୀ କିମ୍ବା ସୁକୁରା କିଛି ଜାଣିପାରି ନ ଥିଲେ। ପରେ ଦଲାଲ ଜଣକ କଟକ ରେଫର କରାଯାଇ ଥିବା କଥା ନ କହି ବାଲେଶ୍ୱର ଯକ୍ଷ୍ମା ହସ୍ପିଟାଲକୁ ନେଇଆସି ଥିଲେ। ଯକ୍ଷ୍ମା ହସ୍ପିଟାଲରେ ଡାକ୍ତର ପ୍ରେସକ୍ରିପ୍ସନ ଦେଖି କଟକ ରେଫର କରାଯାଇଛି, ଏଠାକୁ କାହିଁକି ଆସିଲ ବୋଲି ପଚାରି ଥିଲେ। ହେଲେ ଚତୁର ଦଲାଲ କହିଥିଲା, ଏମାନେ ଗରିବ ଲୋକ। କଟକ ଯାଇ ପାରିବେ ନାହିଁ। ଆପଣ ଔଷଧ ଲେଖି ଦିଅନ୍ତୁ ବୋଲି ଦଲାଲ ଜଣକ ଡାକ୍ତରଙ୍କୁ ନିବେଦନ କରିଥିଲେ। ଫଳରେ ଡାକ୍ତର ଔଷଧ ଲେଖିଦେଇଥିଲେ। ଦଲାଲ ଜଣକ ଔଷଧ କିଣି ଆଣିଦେବ ବୋଲି କହି ପାର୍ବତୀଙ୍କୁ ଟଙ୍କା ମାଗିଥିଲେ। ପାର୍ବତୀ ମଧ୍ୟ ବିଶ୍ୱାସରେ ଟଙ୍କା ଦେଇଥିଲା। ହେଲେ ଔଷଧ କିଣିବାକୁ ଯିବା ପୂର୍ବରୁ ଦଲାଲ ପାର୍ବତୀଙ୍କୁ ତା'ର ମୋବାଇଲ ଫୋନ ଦେବାକୁ କହିଥିଲା। ପାର୍ବତୀ ମଧ୍ୟ ତାକୁ ତାର ମୋବାଇଲ ଫୋନ ଦେଇଥିଲା। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯକ୍ଷ୍ମା ହସ୍ପିଟାଲ ପରିସରରେ ଭାଇ ଭଉଣୀ ଅପେକ୍ଷା କଲା ପରେ ମଧ୍ୟ ଦଲାଲ ଦେଖାଦେଇ ନ ଥିଲା। ପରେ ଭାଇ ଭଉଣୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ପୁଲିସ ଫାଣ୍ଡିକୁ ଆସି ଅଭିଯୋଗ କରିଥିଲେ। ହେଲେ ପୁଲିସ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ଭାଇ ଭଉଣୀର ଭୁଲ ଦର୍ଶାଇ ଫେରାଇ ଦେଇଥିଲେ।

## ବ୍ୟାଟେରୀ ଚୋର ସନ୍ଦେହରେ ୨ ଅଟକ

ରାଜଘାଟ, ୨।୪ (ସମିସ): ସୋମବାର ବିଳମ୍ବିତ ରାତିରେ ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ନାଇକୁଡ଼ୀ ଛକ ନିକଟ ବଜରଙ୍ଗୀ ହୋଟେଲ ନିକଟରୁ ବ୍ୟାଟେରୀ ଚୋର ସନ୍ଦେହରେ ୨ଯୁବକଙ୍କୁ ବସ୍ତା ପୁଲିସ ଅଟକ ରଖିଛି। ଗତକାଲି ବିଳମ୍ବିତ ରାତିରେ ବଜରଙ୍ଗୀ ହୋଟେଲ ନିକଟରେ ୨ ଯୁବକଙ୍କ ଚତୁପାର୍ଶ୍ୱରେ କିଛି ଲୋକ ଘେରି ଯାଇଥିବା ଦେଖି ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ କାରଣ ପଚାରିଥିଲେ। ଉକ୍ତ ଯୁବକ ଦ୍ୱୟ ରାସ୍ତା ପାର୍ଶ୍ୱରୁ ଛିଡ଼ା ହୋଇଥିବା ବାଇକରୁ ବ୍ୟାଟେରୀ ଚୋରି କରିବାରେ ନିଜର ସମ୍ପୃକ୍ତି ଥିବା ପୁଲିସକୁ ସୂଚନା ଦେବା ସହ ଗୋଟିଏ ନମ୍ବର ବିହୀନ ଗାଡ଼ିକୁ କାବୁ କରିଥିବା କହିଥିଲେ। ଖବର ପାଇ ବସ୍ତା ପୁଲିସ ଅଟକ ଯୁବକ ଦୁଇଜଣଙ୍କୁ ଥାନାକୁ ଆଣି ଅଧିକ ପଚରା ଉଚରା ଜାରି ରଖିଥିଲା। ଏ ସମ୍ପର୍କରେ ବସ୍ତା ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ ଚୋରି ସନ୍ଦେହରେ ଉକ୍ତ ଯୁବକ ଦ୍ୱୟଙ୍କୁ ଥାନାକୁ ଅଣାଯାଇଥିବା ଓ ପରେ ୧୦୯ ସିଆରପିସି ପିଆରରେ ଛଡ଼ାଯାଇଥିବା ସୂଚନା ଦେଇଥିଲେ। ଉକ୍ତ ଯୁବକ ଦ୍ୱୟ ସିଂଲା ଥାନା ଅଧୀନ କାଦରାୟାଁ ଅଞ୍ଚଳର ବୋଲି ଜଣାପଡ଼ିଛି।

## ସୋନପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାଜଘାଟ, ୨।୪(ସମିସ): ବସ୍ତା ବ୍ଲକ ପାଉଁଶକୁଳି ପଞ୍ଚାୟତରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ହୋଇଯାଇଛି। ଏହି ଖେଳ ଆଜକୁ ୩୫ ବର୍ଷ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ୧୬ ଟି ଟିମ୍ ଖେଳରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରେ ଏମବିଜେସି ଓ ସୁପର ଟାଇଗର ଟିମ ମଧ୍ୟରେ କଡ଼ା ମୁକାବିଲା ହୋଇ ସୁପର ଟାଇଗର ଟିମ୍ ଚାମ୍ପିଅନ ଟ୍ରଫି ହାତେଇ ରେକର୍ଡ ସୃଷ୍ଟି କରିଥିବା ବେଳେ ଏମବିଜେସି ଟିମ ରନର୍ସ ଅପ୍ ଟ୍ରଫିରେ ସନ୍ତୁଷ୍ଟ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ବିଜେପି ନେତା ବ୍ରଜମୋହନ ପ୍ରଧାନ, ସମାଜ ସେବୀ ଶିଶିର କୁମାର ସେନାପତି, କାର୍ତ୍ତିକ କୁମାର ପାତ୍ର, ଯୁବ ନେତା କାଳୀଚରଣ ଦାସ, ରାସ ବିହାରୀ ରଣା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟ ହେମନ୍ତ ଜେନା, ମହେଶ୍ୱର ଜେନା, ବିଜୟ ଜେନା, ରାଜେଶ ଜେନା, ସଞ୍ଜୟ ଜେନା ଉପସ୍ଥିତ ଥିବାବେଳେ ଦାହଁରାୟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଜଳେଶ୍ୱର ରେଳ ଓଭରବ୍ରିଜ କାର୍ଯ୍ୟରେ ଅହେତୁକ ବିଳମ୍ବ

**୮ରେ ବରିଷ୍ଠ ନାଗରିକ ମଞ୍ଚର ଆନ୍ଦୋଳନ**

ଜଳେଶ୍ୱର ବ୍ଲକ, ୨।୪ (ସମିସ) : ଜଳେଶ୍ୱର ନୂଆବଜାର ରେଳ ଓଭରବ୍ରିଜ ଏଲ୍ ସି ନଂ ୪୫ ର ନିର୍ମାଣ କାର୍ଯ୍ୟ ୨୦୧୮ ମସିହାରୁ ଏଯାବତ ଦୀର୍ଘ ୫ ବର୍ଷରୁ ଅଧିକ କାଳରୁ ଆରମ୍ଭ ହୋଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ତାରିଖ ବାରମ୍ବାର ଘୋଷଣା ତଥା ବହୁବାର ଯାତାୟାତ ନିମନ୍ତେ ପୋଲ ଅର୍ପଣ କରା ଯିବାର ପ୍ରତିଶ୍ରୁତି ଦେଇ ପୂର୍ତ୍ତ ବିଭାଗ ଦିନ ପରେ ଦିନ ଗଡେଇ ଚାଲିବା ପ୍ରତିବାଦରେ ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନର ଡାକରା ଦିଆଯାଇଛି। ଜଳେଶ୍ୱର ନୂଆ ବଜାରସ୍ଥିତ ଭଞ୍ଜ ଭବନ ପରିସରରେ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇ ରେଳ ଓଭରବ୍ରିଜ ନିର୍ମାଣରେ ପୂର୍ତ୍ତ ବିଭାଗର ଟାଳଟୁଳ ନୀତି ବିରୁଦ୍ଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନକାରୀ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କୁ ପୂର୍ତ୍ତ ବିଭାଗ ବାରମ୍ବାର ଲିଖିତ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା ନ କରିବା ବିଡମ୍ବନାର ବିଷୟ। ବୈଠକରେ କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଅପର୍ଣ୍ଣା ଚୌଧୁରୀ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିତାଂଶୁ ସେନାପତି, ସୁବ୍ରତ ବେରା, ଅବଦୁଲ ସମ୍ମତ ଖାଁ, ସିଦ୍ଧେଶ୍ୱର ତ୍ରିପାଠୀ, କପିଳେଶ୍ୱର ମହାନ୍ତି ଓ ନୀଳମଣି ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି କ୍ଷୋଭ ପ୍ରକାଶ କରିବା ସହ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ଏହି ମର୍ମରେ ମଞ୍ଚ ପକ୍ଷରୁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଜଳେଶ୍ୱର ବାସୀଙ୍କ ଘୋର ଅସୁବିଧାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ରେଳ ଉଡ଼ନ୍ତା ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯାତାୟତ ପାଇଁ ଅର୍ପଣ କରା ନ ଗଲେ ଏପ୍ରିଲ ୮ ତାରିଖ ଦିନ ଏହା ଏକ ଗଣ ଆନ୍ଦୋଳନର ରୂପ ନେବ ବୋଲି ପୂର୍ତ୍ତ ବିଭାଗକୁ ଦୃଢ ଚେତାବନୀ ପ୍ରଦାନ କରା ଯାଇଛି ବୋଲି ମଞ୍ଚର ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି ଜଣାଇଛନ୍ତି।

## ବ୍ରଜମୋହନ ଜଳେଶ୍ୱରରୁ ବିଜେପି ପ୍ରାର୍ଥୀ



ଜଳେଶ୍ୱର ବ୍ଲକ, ୨।୪ (ସମିସ): ମଙ୍ଗଳବାର ବିଜେପି ୧୪୭ ବିଧାନସଭା ଆସନରୁ ୧୧୨ ଆସନରେ ବିଧାନସଭା ପ୍ରାର୍ଥୀ ଘୋଷଣା କରିଛି। ସେଥିମଧ୍ୟରୁ ଜଳେଶ୍ୱର ବିଧାନସଭା ଆସନରୁ ବ୍ରଜ ମୋହନ ପ୍ରଧାନଙ୍କୁ ବିଜେପି ଟିକଟ ଦେଇ ଥିବାରୁ ଶ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବାକୁ ସୁଯୋଗ ପାଇଛନ୍ତି। ତେଣୁ ବିଜେପିର ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ ଓ ଜଳେଶ୍ୱର ବିଜେପିର ସମସ୍ତ ନେତୃ ମଣ୍ଡଳୀକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଜଳେଶ୍ୱରର ବିକାଶ, ସ୍ୱାଭିମାନ ଓ ସୁରକ୍ଷା ଏହି ତିନିଟି ପ୍ରସଙ୍ଗକୁ ନେଇ ଜଳେଶ୍ୱର ବିଜେପିରୁ ନିର୍ବାଚନ ଲଢ଼ିବେ ବୋଲି ବ୍ରଜମୋହନ ପ୍ରଧାନ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଟିକଟ ପାଇବା ପରେ ଦଳର କର୍ମୀ ମାନଙ୍କ ଉତ୍ସାହ ବଢ଼ିବା ସହିତ ତାଙ୍କ ଜଳେଶ୍ୱର ବାସ ଭବନକୁ ଆସି ତାଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ୍ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

## ବେତନା ଶିବଶକ୍ତି କମିଟିରେ ପୂଜା ସହିତ ମହୋତ୍ସବ



ବଲରାମପୁର, ୨।୪(ସମିସ): ବଲରାମପୁର ପଞ୍ଚାୟତ ବେତନା ଗ୍ରାମର ଶିବଶକ୍ତି କମିଟି ଦ୍ୱାରା ହୋଲି ତରଫରୁ ରାଧାକୃଷ୍ଣ ପୂଜା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ବିଶ୍ୱନାଥ ବେରା, ଉପ ସଭାପତି କମଳାକାନ୍ତ ମିଶ୍ର, ସଦସ୍ୟ ବିଜୟ ଜେନା, ବିଶ୍ୱରଞ୍ଜନ ବେରା, ଜଗନ୍ନାଥ ବେରା, ନନ୍ଦଦୁଲାଲ ଦାସ, ରାମଚନ୍ଦ୍ର ମାନା, ରବୀନ୍ଦ ବେରା, ଶମ୍ଭୁନାଥ ରାଉଳ, ବିବେକାନନ୍ଦ ବେରା, ସିପୁନ ଚନ୍ଦ, ଦେବାଶିଷ ଚନ୍ଦ, ସରୋଜ ବେରା, ରାଜୁ ଦାସ, ପାପୁନ ଜେନା, ସତ୍ୟଜିତ ପ୍ରମାଣିକ, ବନବିହାରୀ ବେହେରା, ବିନୋଦ ଜେନା ପ୍ରମୁଖ ଙ୍କ ଅକ୍ଳାନ୍ତ ପରିଶ୍ରମ ରେ ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଧାକୃଷ୍ଣ ପୂଜା ଅନୁଷ୍ଠିତ ହୋଇଯାଇଛି।

## ବେଧଡ଼କ ଚାଲିଛି ବେଆଇନ ଇଟାଭାଟି, ବିଭାଗ ନିରବ



ବଳରାମପୁର, ୨।୪(ସମିସ): ବାଲିଆପାଳ ବ୍ଲକରେ ରହିଛି ୫୦ରୁ ଉର୍ଦ୍ଧ ବେଆଇନ ଇଟାଭାଟି, ପ୍ରଚଳିତ ସରକାରୀ ନିୟମ ଓ ଅଦାଲତ ନିର୍ଦ୍ଦେଶକୁ ଅଣଦେଖା କରି ଏଠାରେ ବେଧଡ଼କ ଚାଲିଛି। ଏସବୁ ଇଟାଭାଟି ଏ ସମସ୍ତ ଇଟାଭାଟିରୁ ନିର୍ଗତ ତାପମାତ୍ରା ପରିବେଶକୁ ଅଧିକ ଉତ୍ତପ୍ତ କରୁଛି। ଏଥି ସହିତ ଇଟାଭାଟିରୁ ନିର୍ଗତ ଧୂଆଁ, ପାଉଁଶ ଗୁଣ୍ଡ ଓ କଞ୍ଚାମାଲ ପରିବହନ ଯୋଗୁ ଉଡୁଥିବା ଧୂଆଁ ପରିବେଶକୁ ଅଧିକ ପ୍ରଦୂଷିତ କରୁଛି ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଓ ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର ଦାୟିତ୍ୱ ଓ କ୍ଷମତା ଦିଆଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ନିଆନଯିବା ସନ୍ଦେହ ସୃଷ୍ଟି କରିଛି। ସେପଟେ ଯେଉଁ ପରିମାଣରେ ଇଟା ପ୍ରସ୍ତୁତ ହେଉଛି ସେହି ଅନୁପାତରେ ରାଜସ୍ୱ ଆଦାୟ ହେଉନି। ବାଲିଆପାଳ ବ୍ଲକର ବାଲିଆପାଳ, ବିଷ୍ଣୁପୁର, ବଡ଼ାପାଳ, ଜାମକୁଣ୍ଡା, ନିଖିରା, କୁହ୍ନାଚଡ଼ ପ୍ରଭୃତି ଅଞ୍ଚଳରେ ନଦୀପଠାରେ ଏବେ ୫୦ରୁ ଉର୍ଦ୍ଧ ବେଆଇନ ଇଟାଭାଟି ଚାଲିଥିବା ଦେଖିବାକୁ ମିଳିଛି। ନଦୀପଠା ମାଟିରେ ପ୍ରସ୍ତୁତ ଇଟାର ଗୁଣମାନ ଭଲ ଥିବାରୁ ଏହାର ବିଶେଷ ଚାହିଦା ରହିଥାଏ। ହେଲେ ଇଟା ପ୍ରସ୍ତୁତ କରିବାକୁ ନଦୀପଠାରୁ ମାଟି ଉତ୍ତୋଳନ ହେଉଥିବାରୁ ନଦୀ ବନ୍ଧରେ ଗାଡ଼ ସୃଷ୍ଟି ହୋଇ ନଦୀକୂଳିଆ ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଇଟା ପୋଡ଼ିବା ପାଇଁ ଏହି ଅଞ୍ଚଳରେ ଚୋରା କୋଇଲା ବେପାର ବଢ଼ିବା ସାଙ୍ଗକୁ ଜଙ୍ଗଲ ମଧ୍ୟ ଦୃତ କ୍ଷୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜନବସତି ନିକଟରେ ଇଟାଭାଟି ମଧ୍ୟ ନିର୍ମାଣ ଓ ଇଟା ପୋଡ଼ିବା ନେଇ ନିଷେଧାଦେଶ ଜାରି କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବାଲିଆପାଳ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବାଲିଆପାଳ, ଜାମକୁଣ୍ଡା ଶ୍ରୀରାମପୁର ଆରଆଇ ସର୍କଲରେ ଅନେକ ଇଟାଭାଟି ଜନବସତି, ସ୍କୁଲ ଓ କଲେଜ ନିକଟରେ ରହିଛି। ଏହି ଭାଟି ଗୁଡ଼ିକରେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ ପୁରୁଷ, ମହିଳା ଓ ନାବାଳକମାନେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରମିକ କଲ୍ୟାଣ ଆଇନ ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଓ ସୁରକ୍ଷା ଯୋଗାଇ ଦିଆଯାଉନଥିବା ବେଳେ ଇଟାଭାଟି ମାଲିକମାନେ ସେମାନଙ୍କୁ ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରାଇ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଗତବର୍ଷ ଜିଲ୍ଲା ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଦମକଳ ବାହିନୀ ଓ ପୁଲିସ ଫୋର୍ସ ସହ ବ୍ଲକର ବିଭିନ୍ନ ବେଆଇନ ଇଟାଭାଟି ଉପରେ ଚଢ଼ଉ କରି ଇଟା ଉପରେ ପାଣି ପକାଇ ନଷ୍ଟ କରିବା ସହ ୧୫ ଦିନ ଭିତରେ ଭାଟିବନ୍ଦ କରିବା ପାଇଁ ସମୟ ଦେଇ ଆସିଥିଲେ। ହେଲେ ଏବେ ପୁଣି ସବୁ କିଛି ପୂର୍ବ ଭଳି ଚାଲୁଛି, ଧୀରେ ଧୀରେ ତାପମାତ୍ରା ବଢୁଥିବା ବେଳେ ବାଲିଆପାଳ ବ୍ଲକର ଇଟାଭାଟି ଗୁଡ଼ିକରେ ଚାଲିଥିବା ବେଆଇନ କାର୍ଯ୍ୟ ରୋକିବା ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଶ୍ରମ ବିଭାଗ ଓ ରାଜସ୍ୱ ବିଭାଗ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି! ଏ ସମ୍ପର୍କରେ ବାଲିଆପାଳ ତହସିଲଦାର ଜଣକ କୁମାର ନାୟକଙ୍କୁ ପଚାରିବାରୁ ବେଆଇନ ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

## ଉତ୍ତର ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

କମର୍ଦ୍ଦା, ୨।୪ (ସମିସ): ଯେତେ ସାଧନା କଲେ ମଧ୍ୟ ଜଣେ କର୍ମଚାରୀ ପାଇଁ ସାଧନାର ଶେଷ ଠିକଣା ନାହିଁ ବୋଲି ଉତ୍ତର ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ତୃତୀୟ ବାର୍ଷିକ ଉତ୍ସବରେ ବିଶିଷ୍ଟ ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଉତ୍ତର ଭୋଗରାଇ କର୍ମଚାରୀ ସଂଘର କର୍ମଚାରୀମାନେ ଦାହୁଣଦାସ୍ଥିତ ସୁଧାଂଶୁ ଶେଖର ବିଦ୍ୟାପୀଠ ପରିସରରେ ସଂଘର ତୃତୀୟ ବାର୍ଷିକ ଉତ୍ସବରେ ଉଦଘାଟକ ଅବସର ପ୍ରାପ୍ତ ସିଆରସିସି ବସନ୍ତ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶ୍ରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭୋଗରାଇ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ ଯୋଗଦେଇ କର୍ମଚାରୀ ମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁବାସ ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ



ବାଲିଆପାଳ ସମ୍ପାଦକ ଶ୍ରୀକାନ୍ତ ଜେନା, ଶିକ୍ଷାବିତ ବିଜୟ କୁମାର ନନ୍ଦ, ପ୍ରାକ୍ତନ ଶିକ୍ଷାଧିକାରୀ ଭଗିରଥ ଗିରି, ସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ଧଳ, ନବକୃଷ୍ଣ ଦେ, ଗୋପବନ୍ଧୁ ମହାପାତ୍ର, ବନମାଳୀ ନାୟକ, ପୂର୍ବତନ ସରପଞ୍ଚ ରାମକୃଷ୍ଣ ଘୋଷାଲ, ଜୟଚନ୍ଦ୍ର ଦାସ ମହାପାତ୍ର, ଶ୍ରୀନିବାସ ସାହୁ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ସମ୍ପାଦକ ରାଧାନାଥ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରାକ୍ତନ ବିଡିଓ ସନ୍ତୋଷ ମହାପାତ୍ର, ଶ୍ୟାମସୁନ୍ଦର ଦାସ, ବ୍ରଜଗୋପାଳ ଦାସ, ଶ୍ରୀମନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଛାତ୍ରୀ ଦେବସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ପ୍ରଧାନ, ବିରେନ୍ଦ୍ର ସାହୁ, ଅରୁଣ ପାଢ଼ୀ, ଦୟାନିଧି ଗିରି, ସୀତାରାମ ପ୍ରଧାନ, ନରେନ୍ଦ୍ର ନାଥ ସିଂହ, ସରୋଜ ମହାନ୍ତି, ଦାଶରଥି ଦାସ, ରାମଚନ୍ଦ୍ର କର, ରାମହରି ପ୍ରଧାନ, ଶ୍ରୀନିବାସ ନାଗ ସହଯୋଗ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ଦାସ ମଞ୍ଚ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବଳରାମପୁର, ୨।୪(ସମିସ): ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ କାଳିଆଖିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷକ ସୃଷ୍ଟିଧର କୁହ୍ଲାରିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସୁଧାଂଶୁ ଶେଖର ଜେନା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୁଖ୍ୟ ବକ୍ତା ପ୍ରିୟବ୍ରତ ପଣ୍ଡା ଅଧକ୍ଷ ଲୋଟାଯୋରୀ କଲେଜ, ସମ୍ମାନିତ ଅତିଥି ମନ୍ମଥ କୁମାର ବିଶ୍ୱାଳ ଶିକ୍ଷକ ସମନ୍ୱୟ କମିଟି ସଭାପତି, ସମ୍ପାଦକ ଆଦିତ୍ୟ ରାଉତ, ସନ୍ତୋଷ କୁମାର ଗିରି, ଲକ୍ଷ୍ମଣ ପରିଡ଼ା, ଗୋପାଳ ଗିରି, ମନ୍ମଥ କୁମାର ପାଣି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟ ମାନଙ୍କ ଉପସ୍ଥିତିରେ ଶିକ୍ଷକ ଶ୍ରୀ କୁହ୍ଲାରିଙ୍କୁ ଶୋଭାଯାତ୍ରା କରି ତାଙ୍କ ଘରେ ଛାଡିଥିଲେ।



## କିଆଁଗଡ଼ିଆ ମଠରେ ମହା ମହୋତ୍ସବ ଉଦ୍‌ଯାପିତ

ଶ୍ରଦ୍ଧାପୁର, ୨।୪ (ସମିସ): ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କର ଚତୁର୍ଥ ଅଧସ୍ତନ ଶ୍ୟାମନନ୍ଦ ପ୍ରଭୁ ଓ ପଞ୍ଚମ ଅଧସ୍ତନ ରସିକାନନ୍ଦ ପ୍ରଭୁଙ୍କର ଆବିର୍ଭାବ ସ୍ମରଣେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଗୋସ୍ୱାମୀଙ୍କ ପ୍ରତିଷ୍ଠିତ ଓ ବ୍ରଜଗୋପାଳ ଗୋସ୍ୱାମୀଙ୍କ ଦ୍ୱାରା ପରିଚାଳିତ ସାହାବାଜିପୁର କିଆଁଗଡ଼ିଆ ଆଶ୍ରମରେ ପଞ୍ଚାତ୍ରିଶତି ତମ ବର୍ଷର ତିନି ଦିନ ବ୍ୟାପି ଚାଲିଥିବା ମହାମହୋତ୍ସବ ଉଦଯାପିତ ହୋଇଯାଇଛି। ଏଥିରେ ଭକ୍ତମାନଙ୍କର ପଦଯାତ୍ରା ତଥା ଓଡ଼ିଶା ଓ ପଶ୍ଚିମବଙ୍ଗର ବେତାର ଓ ଦୂରଦର୍ଶନ ଶିଳ୍ପୀମାନଙ୍କ ଦ୍ୱାରା ରାମାୟଣ, ପାଲା, ଲୀଳାକୀର୍ତ୍ତନ, ଶ୍ରୀମଦଭାଗବତ ପାଠ, ସ୍ତୋତ୍ର ପାଠ, ଶ୍ୟାମନନ୍ଦୀ ରସାୟନ,



ଚୈତନ୍ୟ ଚରିତାମୃତ, ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ନାମମହାଯଜ୍ଞ, ଦଧିକୀର୍ତ୍ତନ ଇତ୍ୟାଦି ମଞ୍ଚାନୁଷ୍ଠାନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ତିନି ଦିନ ବ୍ୟାପି ଆଧ୍ୟାତ୍ମିକ ଉତ୍ସବରେ ଭକ୍ତ ତଥା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଦିବା ରାତ୍ରି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଉତ୍ସବରେ ଶ୍ରୀମାନ ଗୋପୀବଲ୍ଲଭପୁରର ଶ୍ରୀ ଶ୍ରୀ ଶ୍ୟାମନନ୍ଦୀ ଗାଦିଶ୍ୱର ଶ୍ରୀ ଶ୍ରୀ ମହନ୍ତ କୃଷ୍ଣକେଶବାନନ୍ଦ ଦେବ ଗୋସ୍ୱାମୀ ଉପସ୍ଥିତ ରହି ସମସ୍ତ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମଠର ମହନ୍ତ ଶ୍ରୀ ଶ୍ରୀ ବ୍ରଜଗୋପାଳ ଗୋସ୍ୱାମୀ, ସାଧନା ମା ଗୋସ୍ୱାମୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ରାଜକିଶୋର ଦାସ ଅଧିକାରୀ, ରୁଦ୍ର ପ୍ରତାପ ହୋତା, ଚକ୍ରଧର ପାତ୍ର, ଗୋରାଚାନ୍ଦ ଦାସଅଧିକାରୀ, ଶଶିକାନ୍ତ ପାତ୍ର, ଶଙ୍କର ଦାସ, ସୁବଳ ଚନ୍ଦ୍ର ସେନାପତି, ଶ୍ରୀପତି ଦାସ, ସୁଧୀର ଦାସ, ହେମନ୍ତ ଭଞ୍ଜ, ବିପିନ ବିହାରୀ ଜେନା, ସୁଧୀର ପାତ୍ର ଓ ଶ୍ୟାମନନ୍ଦୀ ବୈଷ୍ଣବ ବିକାଶ ପରିଷଦର ସଦସ୍ୟାମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଦିନ ଉତ୍ସବ




ବାଲେଶ୍ୱର, ୨।୪(ସମିସ): ବୃନ୍ଦାବତୀ ବିହାରସ୍ଥିତ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ, ଓଡ଼ିଶାଙ୍କ ତରଫରୁ ପ୍ରଥମ ଦିନ ଉତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୁରୁମା ସୁନିତା ମାଇତି ଅତିଥି ପରିଚୟ ପ୍ରଦାନ କରି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଉତ୍କଳ ଦିବସର ମହତ୍ତ୍ୱ ଓ ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଡ.. ଡାନଶ୍ରୀ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍କଳ ଦିବସ ପ୍ରତି ଓଡିଆଙ୍କ ପାଇଁ ସମୀକ୍ଷାର ଦିନ ବୋଲି ବକ୍ତବ୍ୟରେ କହିଥିଲେ। ଆଚାର୍ଯ୍ୟା ବିଜୟଲକ୍ଷ୍ମୀଙ୍କ ତତ୍ତ୍?ାବଧାନରେ ସୁଶ୍ରୀ ପ୍ରିୟଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଆଚାର୍ଯ୍ୟା ପ୍ରିୟସ୍ମିତା କୃତଜ୍ଞତା ଅର୍ପଣ କରିଥିଲେ। ଏହି ଦିନ ଶିକ୍ଷା ବର୍ଷର ପ୍ରଥମ ଦିନ ଭାବରେ ମାଆ ସରସ୍?ତୀଙ୍କ ପାଖରେ ଏକ ଯଜ୍ଞର ଆୟୋଜନ କରି ପିଲାମାନଙ୍କର ଶୁଭକାମନା କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା, ଅପାଭାଇ, ଶିଶୁ ଭାଇ ଭଉଣୀ ଉପସ୍ଥିତ ରହୀ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ।

**ନରସିଂହପୁର ଦୋଳ ଉତ୍ସବ, ଦିବାରାତ୍ର କବାଡି ପ୍ରତିଯୋଗିତା ଉଦ୍‌ଯାପିତ**

# ରାଧାକୃଷ୍ଣ କ୍ଲବ୍ ଚାମ୍ପିଅନ, ଦୀଘା ଷ୍ଟାର ସ୍ପୋର୍ଟସ ରନର୍ସଅପ୍

ଭୋଗରାଇ, ୨।୪ (ସମିସ):

ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର-କିଶୋରପୁର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ନବମ ଦୋଳ ଉତ୍ସବ ସମାରୋହ, ଅନ୍ନ ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦିବାରାତ୍ର କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ନରସିଂହପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ୩ ଦିନ ବ୍ୟାପୀ ଏହି ସମାରୋହର ଉଦଯାପନୀ ଦିବସରେ ଦିବାରାତ୍ର କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିଅର ବିଭାଗରେ ଜଏସଆର ସୋହରିଆ, ଭାଇ ଭାଇ ମନ୍ଦାରସାହି, ସେଭେନ ଷ୍ଟାର ଗଣେଶ୍ୱରପୁର, ସେଭେନ ଷ୍ଟାର ସୋହରିଆ, ରାଧାକୃଷ୍ଣ କ୍ଲବ କିଶୋରପୁର ଓ ପଶ୍ଚିମବଙ୍ଗର ଦୀଘା ଷ୍ଟାର ସ୍ପୋର୍ଟସ ପ୍ରମୁଖ ୬ ଟି ଦଳ ଅଂଶଗ୍ରହଣ କରିଥିଲେ। କିଶୋରପୁର ରାଧାକୃଷ୍ଣ କ୍ଲବ ଓ ପଶ୍ଚିମବଙ୍ଗ ଦୀଘା ଷ୍ଟାର ସ୍ପୋର୍ଟସ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ବେଳେ କିଶୋରପୁର ରାଧାକୃଷ୍ଣ କ୍ଲବ କବାଡି ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚାମ୍ପିଅନ ଏବଂ ଦୀଘା ଷ୍ଟାର ସ୍ପୋର୍ଟସ ଦଳ ରନର୍ସ ଅପ୍ ହୋଇଥିଲେ। ସେହିପରି ଜୁନିୟର କବାଡି



ପ୍ରତିଯୋଗିତାରେ ୩ ଟି ଦଳ ଅଂଶଗ୍ରହଣ କରିଥିଲା ବେଳେ ନରସିଂହପୁର ଓ ସୋହରିଆ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନରସିଂହପୁର ଜୁନିୟର କବାଡି ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚମ୍ପିୟାନ ହୋଇଥିଲେ। କ୍ରୀଡା ଶିକ୍ଷକ ଚକ୍ରଧର ମହାନ୍ତି ଓ ହିମାଂଶୁ ଶେଖର ଦାସ ଖେଳ ପରିଚାଳନା କରିଥିଲେ। ପରେ ଅନୁଷ୍ଠିତ ଉଦଯାପନୀ ସଭାରେ ଉତ୍ସବ କମିଟି ସଭାପତି ସୁବଳ ଚନ୍ଦ୍ର ପାଳ ଅଧକ୍ଷତା କରିଥିଲା ବେଳେ ଉପ ସଭାପତି ଭାସ୍କର ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସୋହରିଆ ବିଜୟ କୁମାର ଏକାଡେମୀର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଦତ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଉମେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ଭୋଗରାଇ ମହିଳା ମହାବିଦ୍ୟାଳୟର ଅଧାପକ ବିମଳ ଚନ୍ଦ୍ର ନନ୍ଦୀ, ନରସିଂହପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦାସ, ସହକାରୀ ଶିକ୍ଷକ ଶୁଭେନ୍ଦୁ କୁମାର ଦାସ, ସମାଜସେବୀ ରାମକୃଷ୍ଣ ପ୍ରଧାନ, ରବୀନ୍ଦ୍ର ଦାସ, ଗିରିବାଳା ସେଠୀ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ଅନନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ କବାଡି ପ୍ରତିଯୋଗିତାରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଏଲଆଇସି ଟ୍ରଫି ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହାସହିତ ନରସିଂହପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଏବଂ ମେଧାବୀ ତାଲିକାରେ ସ୍ଥାନ ପାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କମିଟିର ସମ୍ପାଦକ ସରୋଜ କୁମାର ବେହେରା ଅତିଥି ପରିଚୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସଦସ୍ୟ ହିମାଂଶୁ ଶେଖର ଦାସ, ଭରତ ଚନ୍ଦ୍ର ଦାସ, ସନ୍ତୋଷ ଦାସ, ଅଶୋକ ଦେ, ବ୍ରଜଗୋପାଳ ପାଳ, ଭୁବନ ଚନ୍ଦ୍ର ଦେ, ବସନ୍ତ ଦାସ, ସୁଜୟ ସେଠୀ, ଗୌରହରି ଦେ, ଗୌରହରି ଧାମୁଡିଆ ପରିଚାଳନାରେ କରିଥିଲେ। ପରେ ଭୁବନେଶ୍ୱର ମେଲୋଡି ଗ୍ରୁପ ସହିତ ଟିଭି ଓଡ଼ିଆ ଧାରାବାହିକର ଚୁଲବୁଲି ନାୟିକା ହିରଣ୍ମୟୀ ଓ ଓଲିଉଡ ଜଗତର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ଜେମସ୍, ଦେବାଶିଷ, ରାଜେଶ ଏବଂ ରୋଜାଲିନଙ୍କ ସଙ୍ଗୀତ ଓ ନୃତ୍ୟ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

### ଦେଉଳା ହାଟ ଉତ୍କଳ ଦିବସ ସମାରୋହ

# ମା’, ମାଟି ଓ ମାତୃଭାଷାର ସୁରକ୍ଷା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରଥମ କର୍ତ୍ତବ୍ୟ









ଭୋଗରାଇ, ୨।୪(ସମିସ):

ଅତୀତରେ ଉତ୍କଳୀୟ ଅସ୍ମିତା ଓ ଗୌରବ ମହାନ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବହୁ ମହାମନିଷୀ ନିଜ ଜୀବନର ବହୁମୂଲ୍ୟ ସମୟ ଅର୍ପଣ କରିଥିଲେ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ବହୁ କବି, ସାହିତ୍ୟିକ, ଗାଳ୍ପିକ ନିଜ ଶକ୍ତିଶାଳୀ ଲେଖନୀ ଚାଳନା କରି ଏହାର ମହାନତା ପ୍ରତିପାଦିତ କରିଥିଲେ। ମାଆ, ମାଟି ଓ ମାତୃଭାଷାର ସୁରକ୍ଷା ସମସ୍ତ ଓଡ଼ିଆଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଦେଉଳା ହାଟ ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ ୮୯ ତମ ଉତ୍କଳ ଦିବସ ସମାରୋହର ଉଦଘାଟନୀ ଉତ୍ସବରେ ମତପ୍ରକାଶ ପାଇଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ହାଟ ଠାରେ ଦୀର୍ଘ ୪୯ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ୪ ଦିନିଆ ଉତ୍ସବରେ ବିଶିଷ୍ଟ ସମାଜସେବୀ ନବଜ୍ୟୋତି ପଟ୍ଟନାୟକ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଯୁବ ଉଦ୍ୟୋଗୀ ସୁବ୍ରତ ଜେନାଙ୍କ ଦ୍ୱାରା ନୂତନ ଭାବେ ଅବସ୍ଥାପିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସେହିପରି ଭାରତ ଜ୍ୟୋତି ପୁରସ୍କାରପ୍ରାପ୍ତ ଚିକିତ୍ସକ ଡାକ୍ତର ଶ୍ରୀଶ କୁମାର ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ମଞ୍ଚ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର, ବିଶିଷ୍ଟ ଅତିଥି ତଥା ମଞ୍ଚ ଉଦଘାଟକ ଡାକ୍ତର ଶ୍ରୀଶ କୁମାର ଦାଶ, ପ୍ରତିମୂର୍ତ୍ତି ଉନ୍ମୋଚକ ବିଶିଷ୍ଟ ବକ୍ତା ତଥା ନବଜ୍ୟୋତି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ୩୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ମାଆ ମାଟି ଓ ମାତୃଭାଷାର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ସମସ୍ତ ଓଡ଼ିଆ ଏକାନ୍ତ ଚିତ୍ତରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶ୍ୟାମାନନ୍ଦୀପୁର ଡିଟିଏଲକେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରଗୋପାଳ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, କୁନି ବିସ୍ମୟ ପ୍ରତିଭା କୁମାର ଦିଶାନଙ୍କୁ ଉତ୍ସବ କମିଟି ପକ୍ଷରୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ କମିଟିର ସାଧାରଣ ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ସୁକୁମାର ଜେନା ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କମିଟିର ସମ୍ପାଦକ ପ୍ରଶାନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି କବି ଶ୍ରୀକୁମାର ଘୋଷ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱପ୍ନଦୀପ ପତ୍ରିକାର ସମ୍ପାଦକ ତଥା ସ୍ତମ୍ଭକାର କବି କାଳିକିଙ୍କର ଦାସ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ ମହାପାତ୍ର ଯୋଗ ଦେଇ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ବଶିଷ୍ଠ କବି, ସାହିତ୍ୟିକ, ନାଟ୍ୟକାର ତଥା ହାଇସ୍କୁଲ ଶିକ୍ଷକ ଦେବବ୍ରତ ଦେ ସଂଯୋଜନା କରିଥିଲେ। ଏହି କବିତା ପାଠୋତ୍ସବରେ କବି ଦିଲ୍ଲୀପ ମାହାନା, କବି ଗୌରହରି ଗିରି, କବି ତଥା ଶିକ୍ଷକ ଅରୁଣ ଦାସ, କବି ହରିପଦ ସାହୁ, କବି ତଥା ସାମ୍ବାଦିକ ଅମର ମହାନ୍ତି, କବି ତଥା ଶିକ୍ଷକ ଦେବବ୍ରତ ଜେନା, କବୟିତ୍ରୀ ସୈଭାଗିନୀ ମିଶ୍ର, କବି କୃଷ୍ଣପ୍ରସାଦ ମଣ୍ଡଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

**ନାଟ୍ୟାନୁଷ୍ଠାନ କଳାକାର :** ନାଟ।ନୁଷ୍ଠାନ କଳାକାର ପକ୍ଷରୁ ଭୋଇସାହିସ୍ଥିତ ଅଫିସ ଗୃହରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଉଛି। ସଂସ୍ଥାର ସଭାପତି ନାଟ୍ୟ ନିର୍ଦ୍ଦେଶକ ସୁରଞ୍ଜନ ଦାସମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଇଂ. ପ୍ରୀତମ ସିଂହ ମଞ୍ଚ ଆହ୍ୱାନ କରିଥିବା ବେଳେ ସଭ୍ୟ ଅଶ୍ୱିନୀ ହଁ, ଅମର ଗୋଛାୟତ, କମଳ କିଶୋର ଗିରି, ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ, ସଭ୍ୟା ବର୍ଷା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ସମସ୍ତ ସଭ୍ୟ ସଭ୍ୟା କେବଳ ଓଡ଼ିଆ ଭାଷାରେ ହ୍ୱାଟ୍ସ ଆପ୍ ବା ଅନ୍ୟ ଯେକୌଣସି ସାମାଜିକ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ପ୍ରେରଣାର ଶପଥ ନେଇଥିଲେ। ଯୋଗେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବଳରାମପୁର :** ଉତ୍କଳ ସମ୍ମିଳନୀ ଓ ସୃଜନିକା ପକ୍ଷରୁ ପାରୁଳିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଉତ୍କଳ ଦିବସ ସମାରୋହ ପାଳିତ ହୋଇ ଯାଇଛି। ବାଲିଆପାଳ ଶାଖା ସଭାପତି ଅଧ୍ୟାପକ କୁଞ୍ଜକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ସନ୍ୟାସୀ ବେହେରା ଅତିଥି ପରିଚୟ, ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବରେ ସୁବାସ ଚନ୍ଦ୍ର ଚୌଧୁରୀ, କାଳିକିଙ୍କର ଦାଶ, ମାନସ ବେହେରା, କମଳ ଲୋଚନ ପିଳା, ସଦାଶିବ ସେଠୀ, ଗୋପୀକୃଷ୍ଣ ମହାନ୍ତି, ଆରତୀ ପାତ୍ର, ବିଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ଅତୀତ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ପାତ୍ର, ଅରବିନ୍ଦ ବେହେରା, କବିତା ପ୍ରଧାନ, ରବୀନ୍ଦ୍ର ଦତ୍ତ, ଶଚିନ୍ଦ୍ର ନନ୍ଦୀ, ଜୟନ୍ତୀ ପଣ୍ଡା, ଯମୁନା ମଲ୍ଲିକ, ସାନ୍ଧ୍ୟ ରାଣୀ ସାହୁ, ମାହେଶ୍ୱରୀ ଗିରି, ବିଷ୍ଣୁପ୍ରିୟା ମହାପାତ୍ର, ସ୍ୱଭାଗିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବି ବିଜୟ କୁମାର ପାତ୍ରଙ୍କ କବିତା ପୁସ୍ତକ ‘ପ୍ରିୟା ମଧୁମତି’ ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ବୀର ମାଧବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା :** ଉତ୍କଳ ଶାଖା ଜଳେଶ୍ୱର ପକ୍ଷରୁ ଜଳେଶ୍ୱରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପୂର୍ବକ ଭଞ୍ଜଶ୍ରୀ ଭବନ ନୂଆ ବଜାର ଠାରେ ଶାଖା ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ସଭାପତିତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଉତ୍କଳ ସମ୍ମିଳନୀ ଭୂମିକା ସମ୍ପର୍କରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବରେ ଡ. ବିବେକାନନ୍ଦ ସାହୁ, ଅନ୍ୟତମ ଅତିଥି ଭାବରେ ଡ. ରମାକାନ୍ତ ଭଞ୍ଜ, ମଞ୍ଚାସୀନ ଥାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଭୂମିକା ଏବଂ ଆଗାମୀ ଦିନର ଓଡ଼ିଶାର ଅସ୍ମିତା ପାଇଁ ଆବଶ୍ୟକ ଲଢେଇ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗିରି, ପ୍ରାଣକୃଷ୍ଣ ଗିରି, ଟଙ୍କଧର ମହାପାତ୍ର, ଜିତାଂଶୁ ନନ୍ଦୀ, ଶ୍ୟାମା ଚରଣ ଦାସ, ସୁଷମା ରାଣୀ ଚନ୍ଦ, ସୁଷମା ରାଣୀ ଭୂୟାଁ, କୁଞ୍ଜ ବିହାରୀ ଦାସ, ସତ୍ୟ ସୁନ୍ଦର ଦାସ, ବନମାଳୀ ଧଳ, ଭାସ୍କର ଚନ୍ଦ୍ର ମିଶ୍ର, ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଓଡିଆରେ ସର୍ବୋଚ୍ଚ ନମ୍ବର ରଖିଥିବା ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଆ ଅଭିଧାନ ଓ ଚାରା ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପ୍ରାରମ୍ଭରେ ମମତା ବେହେରା ଏବଂ ରାଧାଶ୍ୟାମ ବେହେରାଙ୍କ ସାଂସ୍କୃତିକ ଦଳ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ରାଜଶ୍ରୀ ଦାସ ମନମୁଗ୍ଧକର ଦେଶାଗକ ନୃତ୍ୟ ପରିବେଷଣ କରିଥିଲେ। କଳା ଓ କଳାକାର ବିକାଶ ପରିଷଦର ସଦସ୍ୟ ମାନଙ୍କ ମୃଦଙ୍ଗ ବାଦ୍ୟ ମାଧ୍ୟମରେ ଉତ୍କଳ ଜନନୀର ବନ୍ଦନା ଗାନ କରିଥିଲେ। ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିବାବେଳେ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ହେମନ୍ତ କୁମାର ଗିରି, ସୌଭିକ କୁମାର ଜେନା, ଘନଶ୍ୟାମ ଗିରି, ଗୌରାଙ୍ଗ ପାଳ, ଶ୍ରୀପତି ଘୋଷ, ଚନ୍ଦ୍ର ମୋହନ ରାଉଳ, ବାସୁଦେବ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଉତ୍କଳ ଦିବସ ଉପଲକ୍ଷେ ପ୍ରଭାତଫେରି ପଥପ୍ରାନ୍ତ ସଭା




**ବଳରାମପୁର, ୨।୪ (ସମିସ)** ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସୃଜନିକା, ଉତ୍କଳ ସମ୍ମିଳନୀ ଓ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ପ୍ରଭାତ ଫେରି ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ଓ ପୂର୍ବତନ ଡି ଆଇ ଇ ସୁବାସ ଚନ୍ଦ୍ର ଚୌଧୁରୀ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ରାଲି ଓ ପଥପ୍ରାନ୍ତ ସଭାକୁ ମିଳିତ ଭାବେ ଉଦଘାଟନ କରିଥିଲେ। କମିଟିର ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଓ ସମ୍ପାଦକ ସନ୍ୟାସୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ରାଲି ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକଛକ, ରାଜାରାଣୀ ଛକ, ସିମୁଳିଆ ମାର୍କେଟ ଅତିକ୍ରମ କରି ଜଗନ୍ନାଥ ମନ୍ଦିର ପରିସରରେ ଶେଷ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଓଡ଼ିଶା ହାଇ କୋର୍ଟର ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ ଦାସ ମହାପାତ୍ର, ଅରବିନ୍ଦ ବେହେରା, କମଳଲୋଚନ ପିଳା, ସଦାଶିବ ସେଠୀ, ପ୍ରଧାପକ କୁଞ୍ଜକାନ୍ତ ପାତ୍ର, କ୍ଷିତିଶ କୁମାର ଜେନା, ବିଜୟ କୁମାର ପାତ୍ର, କନକ ଲତା ଗିରି, ସଞ୍ଜୁଲତା ଦାସ ଅଧିକାରୀ, ଆରତୀ ପାତ୍ର, ସୌଭାଗିନୀ ମିଶ୍ର, କବିତା ପ୍ରଧାନ, ଶ୍ରୀକାନ୍ତ ରଣା, ବୀର ମାଧବ ଦାସ ପ୍ରମୁଖ ଉତ୍କଳ ଦିବସ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାଧାକୃଷ୍ଣ ଜେନା, ସାମ୍ବାଦିକା ପ୍ରତିମା ଜେନା, ରାଜଶ୍ରୀ ପାଣିଗ୍ରାହୀ, ପ୍ରମୁଖ ଯୋଗ ଦେଇଥିଲେ। ଭୀଷ୍ମ ଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଦରାବାଦରେ ବସନ୍ତ ଉତ୍ସବ



ବାଲେଶ୍ୱର, ୨।୪(ସମିସ): ବାଲେଶ୍ୱର ସହରର କାଦରାବାଦଠାରେ କାନ୍ତେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ୨୩ତମ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ରଞ୍ଜନ କୁମାର ବାଗ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ବସନ୍ତ ଉତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପ୍ରତିଟି ମଣିଷ ମଧ୍ୟରେ ଗଢି ଉଠିଥିବା ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିଥାଏ ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଯୁବଦ୍ୟୋଗୀ ତଥା ସମାଜସେବୀ ମୌସୁମ କୁମାର ସିଂ, ବାଲେଶ୍ୱର ପୌର ପରିଷଦର କାଉନସିଲର ମିତା ପଟ୍ଟନାୟକ, ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖି ପରମ୍ପରା ସହ ଯୋଡ଼ିବା ପାଇଁ କାନ୍ତେଶ୍ୱର ଯୁବକ ସଂଘର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ଦେବେନ୍ଦ୍ର ନାଥ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ବସନ୍ତ ଉତ୍ସବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦେବାଶିଷ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ୨୩ବର୍ଷ ତଳେ ଗଢ଼ି ଉଠିଥିବା ବସନ୍ତ ଉତ୍ସବ କମିଟିର କାର୍ଯ୍ୟଧାରା ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ଏହି ଅବସରରେ ଯୁବକ ସଂଘ ପକ୍ଷରୁ ପଣ୍ଡିତ ମଧୁସୁଦନ ପଣ୍ଡା, ଚିତ୍ରଶିଳ୍ପୀ ନବ କୁମାର ବାରିକ, ଯୁବଦ୍ୟୋଗୀ ମୌସୁମ କୁମାର ସିଂ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ସହିତ ରାଜନୈତିକ ବ୍ୟକ୍ତିତ୍ୱ ସ୍ୱର୍ଗତ ନବ କୁମାର ବେହେରାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ସହିତ ଉତ୍ସବ କମିଟି ପକ୍ଷରୁ ପୂର୍ବରୁ ହୋଇଥିବା ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହ ସମ୍ପାଦକ ଶଙ୍କର୍ଷଣ ପୃଷ୍ଟି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ହାସ୍ୟ କଳାକାର ପପୁ ପମ୍‌ପମ୍ ଓ ସାଥୀମାନଙ୍କ ଦ୍ୱାରା ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### ଟାଟା ପାୱାରର ଅସହଯୋଗ ଅଭିଯୋଗ

# ଅଧାରେ ଅଟକି ରହିଛି ଡ୍ରେନ୍ କାମ

ଖଇରା, ୨।୪(ସମିସ):



ବାଲେଶ୍ୱର ଜିଲ୍ଲା ଖଇରା ବଜାରରେ ଡ୍ରେନ ସମସ୍ୟା କାରଣରୁ ପ୍ରତ୍ୟେକ ବର୍ଷ ବର୍ଷାଋତୁ ଆସିଲେ କୃତ୍ରିମ ବନ୍ୟା ପାଣି ମାଡିଆସି କ୍ଷୟକ୍ଷତି ଘଟାଇବା ଖଇରାବଜାରବାସିନ୍ଦା ତଥା ବ୍ୟବସାୟୀଙ୍କ ପାଇଁ ଚିର ସହଚର ଘଟଣା। ଏହି ବନ୍ୟାରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହେଉଥିଲେ ହେଁ କୌଣସି ସମୟରେ ଟଙ୍କାଟିଏ ବି କ୍ଷତିପୂରଣ ମିଳିନି। ହେଲେ ଏବେ ଟାଟା ପାୱାର ଅଧିକାରୀଙ୍କ କାଳକ୍ଷେପଣ ନୀତି ତଥା ଅସହଯୋଗ ମନୋଭାବ କାରଣରୁ ଡ୍ରେନ ସଂଲଗ୍ନ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ଉଠା ଯାଇପାରୁନଥିବା ଅଭିଯୋଗ ହୋଇଛି। ଯେଉଥିପାଇଁ ଡ୍ରେନ କାମ ଅଧାରେ ଅଟକି ରହିଛି। ଏଣୁ ବଜାରବାସୀଙ୍କ ପାଇଁ ପୁଣିଥରେ ଆଗାମୀ ବର୍ଷାଋତୁରେ ବନ୍ୟା ବିଭୀଷିକାର ସମ୍ମୁଖିନ ହେବା ଅବଶ୍ୟମ୍ଭାବୀ ହୋଇ ପଡ଼ିଛି। ଡ୍ରେନ ନିର୍ମାଣରେ ଅନିଶ୍ଚିତତା ଲାଗିରହିଥିବା ବେଳେ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ହଜାର ହଜାର ବ୍ୟବସାୟୀ ଓ ସ୍ଥାୟୀବାସିନ୍ଦାମାନେ ଦାବି କରିଛନ୍ତି। ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାରମ୍ବାର ଦାବି ପରେ ଡ୍ରେନବ୍ୟବସ୍ଥାରେ ସୁଧାର ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ପାଖାପାଖି ୫କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୩ ମସିହା ଅକ୍ଟୋବର୧୯ତାରିଖରେ ସ୍ଥାନୀୟ ବିଧାୟକ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାମ ଆରମ୍ଭ ସାଙ୍ଗକୁ ପ୍ରସ୍ତାବିତ ଡ୍ରେନ ଉପରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ଉଠାଇବାକୁ ଟାଟା ପାୱାର ଅଧିକାରୀଙ୍କ ପୂର୍ତ୍ତ ବିଭାଗ ତରଫରୁ ଚିଠି କରାଯାଇଥିଲା। ହେଲେ ଅଧିକାରୀ ମାନେ ଉଠା ଖର୍ଚ୍ଚ ଏଷ୍ଟିମେଟ ଦେବା ନାମରେ ଅଯଥାରେ ସମୟ ଗଡ଼ାଇ ଚାଲିଲେ। ଉଭୟ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ବାରମ୍ବାର ଅବଗତ ସତ୍ତ୍ୱେ ଏହା ପ୍ରଦାନ କରାଗଲାନାହିଁ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ମାତ୍ର ଅଳ୍ପଦିନ ପୂର୍ବରୁ ୧କୋଟି ୭୨ଲକ୍ଷ ଟଙ୍କାର ଏକ ଲମ୍ବା ଚିଠା ପ୍ରଦାନ କରାଗଲା। ହେଲେ ପୂର୍ତ୍ତ ବିଭାଗ ତରଫରୁ ଖୁଣ୍ଟ ଅପସାରଣ ପାଇଁ ମାତ୍ର ୫୦ଲକ୍ଷ ଟଙ୍କାର ପ୍ରସ୍ତାବ ରଖାଯାଇଥିଲା। ଯେଉଁଥିପାଇଁ ଡ୍ରେନ ଏଷ୍ଟିମେଟର ପରିବର୍ତ୍ତନ ପାଇଁ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ପଡ଼ିଲା। ସେପଟେ ନିର୍ବାଚନ ଆଚରଣ ବିଧି ଘୋଷଣା ଅନୁମୋଦନରେ ଅନ୍ତରାୟ ସୃଷ୍ଟି କଲା। ଗୋଟିଏ ପଟେ ତୃଟିପୂର୍ଣ୍ଣ ସାମାନ୍ୟ କିଛି ବିଲ୍ ପାଇଁ ଗ୍ରାହକଙ୍କ ବିଦ୍ୟୁତ ସଂଯୋଗ କାଟିବାରେ ଅବହେଳା କରୁନଥିବା ଟାଟା ପାୱାର କମ୍ପାନୀର ଏଭଳି ଆଚରଣରେ ଖଇରାବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟାଟା ପାୱାରର ଖଇରା ସହକାରୀ ଯନ୍ତ୍ରୀ ପ୍ରଭାତ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରେ ଏଭଳି ବିଳମ୍ବକୁ ଅସ୍ୱୀକାର କରିବା ସହ ଏଷ୍ଟିମେଟ ପ୍ରସ୍ତୁତ କରାଯାଇ ନିର୍ଦ୍ଧାରିତ ସମୟରେ ଏହା ପ୍ରଦାନ କରାଯାଇଥିବା କହିଛନ୍ତି।

## ଶିକ୍ଷକଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା

**ଚନ୍ଦନେଶ୍ୱର, ୨।୪ (ସମିସ):** ଭୋଗରାଇ ବ୍ଲକର ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପୌରୋହିତ୍ୟରେ ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ଦତ୍ତଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ପ୍ରଧାନ ଶିକ୍ଷକ ମହେଶ୍ୱର ଗିରି ସଞ୍ଚାଳନ କରିଥିବା ବେଳେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଓଷ୍ଟା ଶିକ୍ଷକ ସଂଘର ଉପସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘରାଇ, ଯୁଗ୍ମ ସମ୍ପାଦକ ଶାଶ୍ୱତ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦଦୁଲାଲ ବେଜ, ଅବସରପ୍ରାପ୍ତ ଶିକ୍ଷକ ରଜନୀକାନ୍ତ ପ୍ରଧାନ, ପରିଚାଳନା କମିଟିର ସଭାପତି ଭବେଶ ଚନ୍ଦ୍ର ଗିରି, ସଭ୍ୟ ବିକ୍ରମ କେଶରୀ ପ୍ରଧାନ, ପୂର୍ବତନ ସିଆରସିସି ତଥା ହାଡିଗୋଛିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝି, ଶିକ୍ଷୟତ୍ରୀ ଅନୁପମା ମାହାନା, ମଧୁମିତା ମହାନ୍ତି, ପ୍ରାକ୍ତନ ଛାତ୍ର ତଥା ସାମ୍ବାଦିକ ଶିଶିର କୁମାର ପ୍ରଧାନ, ଅନନ୍ତ ପ୍ରଧାନ ଓ ଛାତ୍ରଛାତ୍ରୀ ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ତାରାପଦ ସେଠୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ସୁଦର୍ଶନ ଜେନା ଅତିଥି ପରିଚୟ, ଶିକ୍ଷକ କାହ୍ନୁଚରଣ ସାହୁ ମାନପତ୍ର ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ଶିକ୍ଷକ ଶ୍ରୀମନ୍ତ ବିଶ୍ୱାଳ, ନାଥ ସିଂ, ଶିକ୍ଷୟିତ୍ରୀ ସୁପ୍ରିୟା ଆଚାର୍ଯ୍ୟ, ସ୍ୱୀକୃତି କର ମହାପାତ୍ର, ରାଇମଣୀ ହାଁସଦା, ବିଶ୍ୱନିକା ଦାସ ତଥା ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ପାଉଁଶକୁଲିରେ ‘କିଓରବେ ଇ- କ୍ଲିନିକ୍’ ଉଦ୍‌ଘାଟିତ

**ରାଜଘାଟ, ୨।୪ (ସମିସ):** ବସ୍ତା ବ୍ଲକ ପାଉଁଶକୁଲି ମାର୍କେଟରେ ‘କିଓରବେ ଇ- କ୍ଲିନିକ୍ ‘ ସେଣ୍ଟର ଉଦଘାଟନ ହୋଇଯାଇଛି। ସର୍କଲ ହେଡ ସତ୍ୟଜିତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଉଁଶକୁଲି ସରପଞ୍ଚ ବିନ୍ଦୁବାଳା ସେନାପତି ଉଦ†ାଟନ କରିଥିବା ବେଳେ ଅତିଥି ଭାବେ ତାଡ଼ଦା ସରପଞ୍ଚ ପ୍ରଭାତ କୁମାର ଦାସ, ସମାଜସେବୀ ଶିଶିର ସେନାପତି, ପୂର୍ବତନ ସରପଞ୍ଚ ଅଜୟ କୁମାର ସାହୁ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ଅବସରରେ କିଓର୍ ବେ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମାଗଣା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ବେଳେ ଫାର୍ମାସିଷ୍ଟ ରାଜଶ୍ରୀ ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

